
ଜୁନ୍ ୮ - ୧୪, ୨୦୨୫

ରବିବାର ସିନ୍ଦୁରା
ସକାଳ THE SAKALA

- 'ଟ୍ରି ମ୍ୟାନ୍' ବିଜୟ
- ଗଛ ମଣିଷ ଶ୍ରୀନାଥ
- ଆଦର୍ଶ ଶିକ୍ଷକରୁ ପରିବେଶ ଯୋଦ୍ଧା
- ପରିବେଶ ପ୍ରଭାରୀ ସରୋଜ
- 'ଗ୍ରୀନ୍ ମ୍ୟାନ୍ ଅଫ୍ ଓଡ଼ିଶା' ସୁଧୀର



# ଗଛ ମଣିଷ



ପରିବେଶ ଓ ଜୀବନ ପାଇଁ ବୃକ୍ଷ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହା କେବଳ ମଣିଷକୁ ଶୁଦ୍ଧ ପବନ ଓ ଅମ୍ଳଜାନ ପ୍ରଦାନ କରି ନଥାଏ, ବରଂ ଜଳବାୟୁ ପରିବର୍ତ୍ତନରେ ନିୟନ୍ତ୍ରଣ, ମାଟି କ୍ଷୟ ରୋକିବା, ଜଳ ସଂରକ୍ଷଣରେ ମଧ୍ୟ ସହଯୋଗ କରିଥାଏ । ସମଗ୍ର ଜୀବଜଗତ ପାଇଁ ଗଛର ଆବଶ୍ୟକତା ରହିଛି । ବୃକ୍ଷ ହେଉଛି ପକ୍ଷୀ, କୀଟପତଙ୍ଗ ଓ କେତେକ ବନ୍ୟଜନ୍ତୁଙ୍କ ପ୍ରାକୃତିକ ନିବାସସ୍ଥଳ । ଜଙ୍ଗଲ ଓ ରାସ୍ତାରେ କ୍ଳାନ୍ତ ପଥଚାରୀକୁ ଏହା ହିଁ ଛାଇ ଓ ଶୀତଳତା ପ୍ରଦାନ କରିଥାଏ । ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ମଧ୍ୟ ଗଛ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର ଫଳ, ଫୁଲ, କାଠ ଆଦି ମଣିଷର ଆର୍ଥିକ ଦିଗକୁ ସମୃଦ୍ଧ କରିଥାଏ । ସେହିପରି ସାମାଜିକ ଜୀବନକୁ ମଧ୍ୟ ସରସ ଓ ସୁନ୍ଦର କରିଥାଏ ।

ସୁସ୍ଥ ଶରୀର ପାଇଁ ସ୍ୱଚ୍ଛ ବାୟୁ ଅତ୍ୟନ୍ତ ଆବଶ୍ୟକ । ଗଛରୁ ହିଁ ଆମେ ଶୀତଳ ଓ ଶୁଦ୍ଧ ପବନ ପାଇଥାଉ । ଏହା ବାୟୁର ଗୁଣବତ୍ତା ମଧ୍ୟ ବୃଦ୍ଧି କରେ । ସେହିପରି ଗଛ କାର୍ବନ, ଡାଇ ଅକ୍ସାଇଡ୍ ଓ ଅନ୍ୟାନ୍ୟ ହାନିକାରକ ଗ୍ୟାସକୁ ଶୋଷି ନେଇ ଏହା ବଦଳରେ ଶୁଦ୍ଧ ଅମ୍ଳଜାନ ପ୍ରଦାନ କରିଥାଏ । ତେବେ ଦିନକୁ ଦିନ ଜଙ୍ଗଲ ହ୍ରାସ ଯୋଗୁଁ ଉତ୍ତାପ ବୃଦ୍ଧି, ଜଳବାୟୁ ପରିବର୍ତ୍ତନରେ ଅନିୟମିତତା, ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି । ଯାହା ପରିବେଶବିଦ୍‌ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ବର୍ତ୍ତମାନ ପରିବେଶକୁ ସନ୍ତୁଳନ ରଖିବା ଓ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ବୃକ୍ଷରୋପଣର ଆବଶ୍ୟକତା ରହିଛି । ତେଣୁ ସରକାରୀ ଓ ବେସରକାରୀ ସ୍ତରରେ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରାଯାଉଛି । ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ବ୍ୟକ୍ତିଗତ ଉଦ୍ୟମରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ସେଭଳି କିଛି ଉତ୍ସର୍ଗୀକୃତ ପରିବେଶପ୍ରେମୀଙ୍କୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଗଛ ମଣିଷ**

ପ୍ରସ୍ତୁତି: 'ସକାଳ ବ୍ୟୁରୋ'



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ କାର୍ଯ୍ୟମନ୍ଥରତା ଦେଖାଦେବ । ଆର୍ଥିକ ଉନ୍ନତି ହେବ । ମଙ୍ଗଳ, ବୁଧବାରରେ ଆୟର ନୂତନ ପଥ ଉନ୍ମୁକ୍ତ ହେବ । ଗୁରୁ, ଶୁକ୍ର, ଶନିବାରରେ ଅବହେଳାର ଶିକାର ହେବେ । ବ୍ୟବସାୟିକ ଆୟବ୍ୟୟ ସମାନ ରହିବ ।

**ବୃଷ**
ରବି,ସୋମବାରରେ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ସନ୍ତାନସନ୍ତତିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ମଙ୍ଗଳ,ବୁଧବାରରେ କର୍ମକ୍ଷେତ୍ରରେ ପ୍ରଭାବଶାଳୀ ରହିବେ । ଗୁରୁ, ଶୁକ୍ର,ଶନିବାରରେ ମୂଲ୍ୟବାନ ବସ୍ତୁ କ୍ରୟ କରିପାରନ୍ତି । ଉଚ୍ଚ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ ।

**ମିଥୁନ**
ରବି, ସୋମବାରରେ ପରିବାରରେ ସମସ୍ୟା ସୃଷ୍ଟି ହୋଇପାରେ । ବେପାରରେ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ମଙ୍ଗଳ,ବୁଧବାରରେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ଗୁରୁ, ଶୁକ୍ର,ଶନିବାରରେ ସାମାଜରେ ଧନସମ୍ମାନପ୍ରାପ୍ତି । ଗୁରୁଜନଙ୍କ ଆଶୀର୍ବାଦ ପାଇବେ ।

**କର୍କଟ**
ରବି, ସୋମବାରରେ ସମୟର ସଦୁପଯୋଗ କରିବେ । କଠିନ ପରିଶ୍ରମ କରି ସଫଳ ହେବେ । ମଙ୍ଗଳ, ବୁଧବାରରେ ଆର୍ଥିକ କ୍ଷେତ୍ରରେ ପାରିବାରିକ ସହଯୋଗ ପାଇବେ । ଗୁରୁ, ଶୁକ୍ର,ଶନିବାରରେ ଜୀବନସାଥୀଙ୍କ ସହ ନୂତନ ଯୋଜନା ପ୍ରସ୍ତୁତ କରିବେ । ଧନଲାଭ ଯୋଗ ରହିଛି ।

**ସିଂହ**
ରବି, ସୋମବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ମିଳିପାରେ । ଅଧିକ ପରିଶ୍ରମୀ ହେବେ । ମଙ୍ଗଳ,ବୁଧବାରରେ ମହତ୍ତ୍ୱପୂର୍ଣ୍ଣ ସଫଳତା ପାଇବେ । ଗୁରୁ, ଶୁକ୍ର, ଶନିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । ଅକସ୍ମାତ୍ ଧନଲାଭ ଯୋଗ ରହିଛି ।

**କନ୍ୟା**
ରବି, ସୋମବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଆଗକୁ ବଢ଼ିବେ । ଭାଇଭଉଣୀଙ୍କର ସହଯୋଗ ମିଳିବ । ମଙ୍ଗଳ,ବୁଧବାରରେ ମନସ୍ତାପରେ ରହିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ବରିଷ୍ଠ ବ୍ୟକ୍ତିଙ୍କଠାରୁ ସହଯୋଗ ପାଇବେ ।

**ତୁଳା**
ରବି, ସୋମବାରରେ ସରକାରୀ କାର୍ଯ୍ୟରେ ସଫଳତା ପାଇବେ । କର୍ମକ୍ଷେତ୍ରରେ ନିଜର ପରାକ୍ରମ ଦେଖାଇବେ । ମଙ୍ଗଳ, ବୁଧବାରରେ ଅର୍ଥହାନି ଓ ଶତ୍ରୁବୃଦ୍ଧି ହୋଇପାରେ । ଗୁରୁ, ଶୁକ୍ର, ଶନିବାରରେ ଗୁରୁଜନଙ୍କ ଆଶୀର୍ବାଦ ଭାଗ୍ୟ ଉଦୟରେ ସହଯୋଗ ହେବ । ବ୍ୟବସାୟରେ ଲାଭବାନ ହେବେ ।

**ବିଛା**
ରବି, ସୋମବାରରେ କର୍ମକ୍ଷେତ୍ରରେ ସହଯୋଗ ପାଇବେ । ସନ୍ତାନସନ୍ତତି ଉନ୍ନତି କରିବେ । ମଙ୍ଗଳ, ବୁଧବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି । ଗୁରୁ, ଶୁକ୍ର, ଶନିବାରରେ ମନରେ ପ୍ରସନ୍ନତା ଓ ଚଞ୍ଚଳତା ଭରି ରହିବ ।

**ଧନୁ**
ରବି, ସୋମବାରରେ ଗୁରୁଜନଙ୍କ ସହଯୋଗ ମିଳିବ । କାର୍ଯ୍ୟକ୍ଷେତ୍ରରେ ବାଧା ସୃଷ୍ଟି ହୋଇପାରେ । ମଙ୍ଗଳ, ବୁଧବାରରେ ଦ୍ରବ୍ୟାଦି ଲାଭ ହେବ । ଗୁରୁ , ଶୁକ୍ର, ଶନିବାରରେ ସକାରାତ୍ମକ ଚିନ୍ତା ରଖି ଆଗକୁ ବଢ଼ିବେ । ନିଜ ବୁଦ୍ଧି ବଳରେ ସଫଳତା ପାଇବେ ।

**ମକର**
ରବି, ସୋମବାରରେ ଅଭାବ ଓ ଅସୁବିଧା ଦେଖାଦେବ । ଋଣ ଦେଇଥିବା ଅର୍ଥ ଫେରି ପାଇବେ । ମଙ୍ଗଳ, ବୁଧବାରରେ ଗୁରୁଜନଙ୍କ ସହଯୋଗ ମିଳିବ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟିକ ପ୍ରସାର ହେବ । ଶତ୍ରୁମାନଙ୍କର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି ।

**କୁମ୍ଭ**
ରବି, ସୋମବାରରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେବ । ଭବିଷ୍ୟତ ଯୋଜନାରେ ସଫଳ ହେବେ । ମଙ୍ଗଳ, ବୁଧବାରରେ ପ୍ରିୟଜନଙ୍କ ପାଇଁ ସମ୍ବେଦନଶୀଳ ରହିବେ । ଗୁରୁ, ଶୁକ୍ର,ଶନିବାରରେ ଅର୍ଥପ୍ରାପ୍ତି, ବ୍ୟବସାୟିକ ଆୟ ଭଲ ହେବ ।

**ମୀନ**
ରବି, ସୋମବାରରେ ଦୂରଯାତ୍ରା କରିପାରନ୍ତି । ଦ୍ରବ୍ୟାଦି କ୍ରୟ କରିପାରନ୍ତି । ମଙ୍ଗଳ,ବୁଧବାରରେ ଜୀବନରେ ଅକସ୍ମାତ୍ ପରିବର୍ତ୍ତନ ପରିଲକ୍ଷିତ ହେବ । ଗୁରୁ, ଶୁକ୍ର, ଶନିବାରରେ ଦୃଢ଼ମନା ହେବେ । ନୂତନ ନିଯୁକ୍ତି ହୋଇପାରେ ।

# 'ଟ୍ରି ମ୍ୟାନ୍' ବିଜୟ

## ୨୩ ବର୍ଷରେ ତିନି ଲକ୍ଷ ବୃକ୍ଷରୋପଣ



ଗଛକୁ ସେ ନିଜ ପିଲା ପରି ଲାଳନପାଳନ କରନ୍ତି । ଯେଉଁଠି ଯେଉଁଠି ଚାରା ଲଗାନ୍ତି ସେଇଠି ନିୟମିତ ଯାଇ ପାଣି ଦିଅନ୍ତି ଏବଂ ତାହାର ସୁରକ୍ଷା ପାଇଁ ବାଡ଼ ଦିଅନ୍ତି । ଯେମିତି ମାଆଟିଏ ନିଜ ପିଲାର ସୁରକ୍ଷା କଥା ଚିନ୍ତା କରେ, ସେମିତି ସେ ମଧ୍ୟ ନିଜ ଗଛ ପାଇଁ ଅହରହ ଚିନ୍ତିତ । ଗଛ ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଦେଇଛନ୍ତି ସେ । ସେଥିପାଇଁ 'ଟ୍ରି ମ୍ୟାନ୍' ଭାବରେ ସେ ବେଶ୍ ପରିଚିତ । ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ ସମର୍ପିତ ସେପରି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ବାଲେଶ୍ୱରର ବିଜୟ କୁମାର ଜେନା । ବର୍ତ୍ତମାନ ପର୍ଯ୍ୟନ୍ତ ସେ ତିନି ଲକ୍ଷରୁ ଅଧିକ ଗଛ ଲଗାଇଛନ୍ତି ।

ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ବାଲେଶ୍ୱର

### ସାଇକଲରେ ବୁଲି ଲଗାନ୍ତି ଗଛ

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଗଡ଼ପୋଖରୀ ଗାଁର ବିଜୟ କୁମାର ଜେନା । ବାପା, ପତ୍ନୀ ଓ ଦୁଇ ପୁଅଙ୍କୁ ନେଇ ତାଙ୍କ ପରିବାର । ସେ ଭୁବନେଶ୍ୱର ଆୟକର ବିଭାଗରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି । କିନ୍ତୁ ତାଙ୍କର ନିଶା ଗଛ ଲଗାଇବା । ୨୦୦୨ ମସିହାରେ ସେ ଆରମ୍ଭ କରିଥିଲେ ଗଛ ଲଗାଇବା । ସେତେବେଳେ ଅଂଶୁଘାତକୁ ଲକ୍ଷ୍ୟ କରି ଆରମ୍ଭ କରିଥିଲେ ଗଛ ଲଗାଇବା । ଏକା ସାଇକଲ ଧରି ଭୁବନେଶ୍ୱରର ବିଭିନ୍ନ ରାସ୍ତା, ପାର୍କ, ଜଙ୍ଗଲ ଆଦି ବୁଲି ବୁଲି ଗଛ ଲଗାଇଲେ । ଏଥିସହିତ ବିଭିନ୍ନ ଜାଗାରେ ପରିବେଶ ଉପଯୋଗୀ ମଞ୍ଜି ମଧ୍ୟ ବୁଣି ଚାଲିଲେ । ଯାହା ଏବେ ସବୁ ବଡ଼ ହୋଇଗଲାଣି । ନିଜର ଅଫିସ କାମ ବ୍ୟତୀତ ବିଜୟଙ୍କ ଏହା ମୁଖ୍ୟ କାମ । ନିଜ ପକେଟ୍‌ରୁ ଖର୍ଚ୍ଚ କରି ସେ ଅନେକ ଚାରା କିଣି ଲଗାଇଛନ୍ତି । ପରେ ନିଜେ ଚାରା ସୃଷ୍ଟି କରି ଗଛ ଲଗାଇବା ସହିତ ଲୋକଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରି ମାଗଣାରେ ଚାରା ବାଣ୍ଟିବା ଆରମ୍ଭ କରିଥିଲେ ।



### ବୃକ୍ଷରୋପଣ ପାଇଁ ୪ ଲକ୍ଷ ଟଙ୍କା ଖର୍ଚ୍ଚ


ବିଭିନ୍ନ ମଞ୍ଜି ସଂଗ୍ରହ କରିବା, ଚାରା ରୋପଣ କରିବା, ଚାରା ବାଣ୍ଟିବା ଓ ଗଛ ଲଗାଇବା ହେଉଛି ବିଜୟଙ୍କ ଜୀବନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟ ନେଇ ୨୩ ବର୍ଷ ତଳେ ସେ ଆରମ୍ଭ କରିଥିଲେ ପରିବେଶକୁ ସବୁଜିମା ଓ ସୁରକ୍ଷା ଦେବା କାମ । ନିଜ ହାତରୁ ସେ ଖର୍ଚ୍ଚ କରି ନର୍ସରୀରେ ଚାରାରୋପଣ କରୁଛନ୍ତି । ଅଭାବୀ ଲୋକ ହୋଇଥିଲେ ବି ସେ ଗଛ ଲଗାଇବା କ୍ଷେତ୍ରରେ ୪ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା କଥା ବିଜୟ କହିଛନ୍ତି । ସେ ନିଜ ଘରେ ନର୍ସରୀ କରି ଚାରାରୋପଣ କରିବା ଆରମ୍ଭ କରିଥିଲେ । ଏଥିପାଇଁ ସେ ଜୈବିକ ଖତ ସାର ବ୍ୟବହାର କରନ୍ତି । ପରିବେଶକୁ କ୍ଷତି କରୁଥିବା ମାଳମାଳ ତେଲ, ଲୁଣ, କ୍ଷୀର, ଅଟା ଜରି ସଂଗ୍ରହ କରି ତାକୁ ଧୋଇ ଶୁଖାଇ ମଞ୍ଜିରୁ ଚାରା ରୋପଣ ପାଇଁ ବ୍ୟବହାର କରୁଛନ୍ତି । ପ୍ରଥମେ ସେ ଏକା ଗଛ ଲଗାଇଥିଲେ । ପରେ ଅନ୍ୟମାନଙ୍କ ସହ ପରିବାର ଲୋକ ମଧ୍ୟ ସାମିଲ ହେଲେ । ବିଜୟଙ୍କ ସହିତ ଏବେ ତାଙ୍କ ପତ୍ନୀ ଓ ପୁଅ ବୁଲି ବୁଲି ଗଛ ଲଗାଉଛନ୍ତି ।



### ଚାରୋଟି ଜିଲ୍ଲାରେ ବୃକ୍ଷରୋପଣ

ଭୁବନେଶ୍ୱର ଏବଂ ବାଲେଶ୍ୱରର ଏମିତି କିଛି ଜାଗା, ଜଙ୍ଗଲ, ରାସ୍ତା, ପାର୍କ ନାହିଁ ଯେଉଁଠି ତାଙ୍କ ହାତ ଲଗା ଗଛ ନାହିଁ । ଏମିତି ନୁହେଁ ଯେ ସେ ଅନ୍ଧାଧୁନିଆ ଗଛ ଲଗାଇ ପକାନ୍ତି, ବରଂ ସେ ନିର୍ଦ୍ଦିଷ୍ଟ ସମୟରେ ଗଛ ଲଗାନ୍ତି । ତାହାର ଯତ୍ନ ନିଅନ୍ତି । ପ୍ରତିବର୍ଷ ଜୁନ୍ ୫ ତାରିଖ ପରିବେଶ ଦିବସଠୁ ଗଛ ଲଗାଇବା ଆରମ୍ଭ କରି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଶେଷ କରନ୍ତି । ଏହାରି ଭିତରେ ସେ ପ୍ରତିଦିନ ୫୦ରୁ ଶହେ ଗଛ ଲଗାନ୍ତି । ଆଗରୁ ସେ ଏକ ସାଇକଲ ଚଲାଇ ଗଛ ଲଗାଇବାକୁ ଯାଉଥିଲେ । ଏବେ ସେ ଏକ ଇଲେକ୍ଟ୍ରି ଟୋଟ ଗାଡ଼ିରେ 'ଆମ ପରିବେଶ ଆମ ଦାୟିତ୍ୱ' ବାର୍ତ୍ତା ଦେଇ ଗଛ ଲଗାଉଛନ୍ତି । ଏହି ଗାଡ଼ିରେ ଗଛ ସହିତ ପାଣି ଟାଙ୍କି, କୋଦଳା ଆଦି ସବୁ ରହିଛି । ତେବେ ଅକ୍ଟୋବରଠୁ ମେ ମାସ ଯାଏଁ ସେ ଲଗାଇଥିବା ଗଛଗୁଡ଼ିକର ଯତ୍ନ ନିଅନ୍ତି । ଏପରି କରି ସେ ଏଯାବତ୍ ତିନି ଲକ୍ଷରୁ ଅଧିକ ଗଛ ଲଗାଇ ସାରିଲେଣି । ଖାଲି ଏତିକି ନୁହେଁ ବାଲେଶ୍ୱରର ବିଭିନ୍ନ ପଞ୍ଚାୟତ, ଲୋକଙ୍କ ବାଡ଼ି, ବିଭିନ୍ନ ସରକାରୀ ଓ ବେସରକାରୀ କଲେଜ ଓ ସ୍କୁଲ, ପାର୍କ, ପାହାଡ଼ିଆ ଅଞ୍ଚଳ, ଜଙ୍ଗଲରେ ଚାରା ଓ ମଂଜି ବୁଣିଛନ୍ତି । ଅନ୍ୟମାନଙ୍କୁ ମାଗଣାରେ ଚାରା ପ୍ରଦାନ କରି ଗଛ ଲଗାଇବାକୁ ଅନୁପ୍ରାଣିତ କରନ୍ତି । ସେ ବାଲେଶ୍ୱର, କଟକ, ଭୁବନେଶ୍ୱର ଓ ପୁରୀର ବିଭିନ୍ନ ଜାଗାରେ ଗଛ ଲଗାଇଛନ୍ତି । ଯେଉଁ ଜଙ୍ଗଲରେ ବଡ଼ ବଡ଼ ଗଛ ନଷ୍ଟ ହୋଇଗଲାଣି ସେସବୁ ଜଙ୍ଗଲକୁ ଯାଇ ପରିବେଶ ଉପଯୋଗୀ ମଞ୍ଜି ସେ ବୁଣିଛନ୍ତି । ବିଭିନ୍ନ ସ୍ଥାନରୁ କରଞ୍ଜ, ଆମ୍ବ, ନିମ୍ବ ମଞ୍ଜି ସଂଗ୍ରହ କରି ପାହାଡ଼ ଉପରକୁ ଯାଇ ମଞ୍ଜି ବୁଣନ୍ତି । ପରିବେଶ ଉପଯୋଗୀ ଗଛ ଯଥା ଆମ୍ବ, ପଣସ, ବର, ଅଶ୍ୱତ୍‌ଥ, ନିମ୍ବ, କରଞ୍ଜ, କଦମ୍ବ, ଆକାଶି, ଆଲମଣ୍ଡ, ଚମ୍ପା, କୃଷ୍ଣଚୂଡ଼ା, ରାଧାଚୂଡ଼ା, ସୁନାରି, ଅଶୋକ, ହାଇବ୍ରିଡ୍ ଓଉ, ହରିଡ଼ା, ବାହାଡ଼ା, ଅଁଳା, ଶାଗୁଆନ, ଜାମୁ ଆଦି ନିଜ ଘର ନର୍ସରୀରେ ଚାରା ରୋପଣ କରନ୍ତି । ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଶତାଧିକ ପୁରସ୍କାର ଓ ସମ୍ବର୍ଦ୍ଧନା ଲାଭ କରିଛନ୍ତି ।





## ଗଛ ମଣିଷ ଶ୍ରୀନାଥ

# ପେନ୍‌ସନ୍ ଟଙ୍କାରେ ବୃକ୍ଷରୋପଣ

ସନ୍ତୋଷ ଶତପଥୀ,
କପ୍ତିପଦା, ମୟୂରଭଞ୍ଜ

ଗଛ ସାଙ୍ଗରେ ରହିବା, ଗଛ ମୂଳରେ ଖାଇବା, ଗଛ ତଳେ ଶୋଇବା ଚିନ୍ତାଧାରାରୁ ନିଜ ଅଜାଣତରେ ସେ ପାଲଟି ଯାଇଛନ୍ତି ଗଛ ମଣିଷ । ପ୍ରାକୃତିକ ପରିବେଶ ପ୍ରେମରେ ପାଗଳ ମଣିଷଟିଏ, ଘର ସଂସାର ଛାଡ଼ି ଗଛ ସେବାରେ ଜୀବନ ବିତାଉ ଥିବା ନିଆରା ମଣିଷ ସେ । ଏଭଳି ଜଣେ ବୃକ୍ଷ ପ୍ରେମୀ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଜଡ଼ିଦା ଗାଁର ଶ୍ରୀନାଥ ପାତ୍ର । ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ ପ୍ରତି ତାଙ୍କର ଉତ୍ସର୍ଗୀକୃତ ଜୀବନ ଯୋଗୁଁ ସେ ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି ।



## ୩୦ ହଜାର ଗଛର ସୁରକ୍ଷାଦାତା

ପରିବେଶ ପ୍ରେମୀ ଶ୍ରୀନାଥ ପାତ୍ର ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଜଡ଼ିଦା ପଞ୍ଚାୟତ ରାଇକାଳିଆ ଗ୍ରାମରେ ସୃଷ୍ଟି କରିଛନ୍ତି ଏକ କୃତ୍ରିମ ଜଙ୍ଗଲ । ଏହି ଜଙ୍ଗଲରେ ରହିଛି ପ୍ରାୟ ୩୦ ହଜାର ଶାଳ, ପିଆଶାଳ, ଶାଗୁଆନ ଆଦି ଗଛ । ଏହି ଜଙ୍ଗଲକୁ ଦେଖିଲେ ଲାଗେ ଯେମିତି ଶିମିଳିପାଳ ପାଖେଇ ଆସିଛି । ଆଜକୁ ପ୍ରାୟ ୧୦୦ବର୍ଷ ପୂର୍ବରୁ ଜଡ଼ିଦା ଗ୍ରାମର ଶ୍ରୀନାଥ ପାତ୍ରଙ୍କର କିଛି ଜମିରେ ଅନାବନା ଗଛ ଲାଗି କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଥିଲା,ସେତେବେଳେ ବାପା ଜେଜେ ସେହି ଜଙ୍ଗଲ ଜମିରୁ ପତ୍ର, କାଠ ଆଣି ପରିବାର ପ୍ରତିପୋଷଣ କରୁଥିଲେ । ଶ୍ରୀନାଥ ମଧ୍ୟ ପିଲାବେଳେ ବାପାଙ୍କ ସହ ସେହି ଜଙ୍ଗଲକୁ ଯାଇ ଜଙ୍ଗଲ ପ୍ରେମରେ ପଡ଼ି ଯାଇଥିଲେ । ଜଙ୍ଗଲକୁ ସୁରକ୍ଷିତ ରଖି ବଡ଼ବଡ଼ ଗଛ ବଞ୍ଚାଇବା ପାଇଁ ତାଙ୍କର ଇଚ୍ଛା ଥିଲା । ମାତ୍ର ଗରିବ ପରିବାରର ହୋଇଥିବାରୁ ତାଙ୍କର ସେ ଆଶା ଆଶାରେ ରହିଯାଇଥିଲା ।

## ଅଭାବ ଅଟକାଇ ପାରିନି ବୃକ୍ଷରୋପଣ

ଦିନମଜୁରିଆ ଭାବେ କାମ କରି ଶ୍ରୀନାଥ ବହୁ କଷ୍ଟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ପରବର୍ତ୍ତୀ ସମୟରେ ବିଦ୍ୟୁତ ବିଭାଗରେ ହେଲପର୍ ଭାବେ କାମ କରି ଲାଇନମ୍ୟାନ୍ ହୋଇ ପାରିଥିଲେ । ସେତେବେଳେ ସୀମିତ ରୋଜଗାରରେ ମଧ୍ୟ ଗଛ ଲଗାଇବାକୁ ଭୁଲି ନ ଥିଲେ ଶ୍ରୀନାଥ । ଚାକିରିରୁ ଅବସର ପରେ ସେହି ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସେଠାରେ ଦିନରାତି ଏକାକାର କରି ଦେଇଛନ୍ତି । ନିଜର ୬୨ ଡିସିମିଲ ଜମି ବାଦ କିଛି ସରକାରୀ ଜମିରେ ମଧ୍ୟ ସେ



ଜଙ୍ଗଲ ସୃଷ୍ଟି କରିଛନ୍ତି । ଚାକିରିରୁ ଅବସର ପରେ ମିଳିଥିବା ଟଙ୍କା ତଥା ବର୍ତ୍ତମାନର ପେନ୍‌ସନ୍ ଟଙ୍କାରେ ବିଭିନ୍ନ ବୃକ୍ଷରୋପଣ କରି ସେ ହୋଇ ଯାଇଛନ୍ତି ଗଛ ମଣିଷ । ଜଡ଼ିଦା ଗ୍ରାମର ସ୍ୱର୍ଗତ କନ୍ଦାଇ ପାତ୍ରଙ୍କ ପୁଅ ଶ୍ରୀ ନାଥ ୧୯୫୭ ମସିହାରେ ଜନ୍ମଗ୍ରହଣ କରିଥିଲେ । ଗାଁ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ସାରି ବଡ଼ଖଲାଡ଼ି ଜବାହର ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ଥିଲେ, ମାତ୍ର ସେତେବେଳେ ଅଭାବ ଅନାଟନ ଭିତରେ ୧୦ମ ଶ୍ରେଣୀ ପାଠପଢ଼ା ଛାଡ଼ି ଦିନ ମଜୁରିଆ ଭାବେ ବିଦ୍ୟୁତ ବିଭାଗରେ କାମ କରୁଥିଲେ । ପରବର୍ତ୍ତୀ ସମୟରେ ହେଲ୍‌ପର୍ ଓ ଲାଇନମ୍ୟାନ୍ ଭାବେ କାମ କରି ଏବେ ସେ ଅବସର ଜୀବନ ବିତାଉଛନ୍ତି । ୪ ପୁଅ ଓ ଦୁଇ ଝିଅଙ୍କୁ ନେଇ ତାଙ୍କ ୮ ପ୍ରାଣୀ କୁଟୁମ୍ବ । ୧୯୮୨ ମସିହାରେ ସୀମିତ ରୋଜଗାର ଭିତରେ ମଧ୍ୟ ବୃକ୍ଷ ରୋପଣ ପ୍ରତି ତାଙ୍କର ଆଗ୍ରହ କମି ନଥିଲା । ପ୍ରତ୍ୟେକ ଦିନ କାର୍ଯ୍ୟ ଆରମ୍ଭ ପୂର୍ବରୁ ଓ ପରେ ସେ ନିହାତି ଗଛ ସହିତ ରହୁଥିଲେ । କ୍ରମେ ପିଲା ବଡ଼ ହେବା ପରେ ପରିବାର ସମସ୍ତଙ୍କ ସହଯୋଗରେ ଏତେ ବଡ଼ ଜଙ୍ଗଲ ସୃଷ୍ଟି କରି ପାରିଛନ୍ତି ।

## ଗଛ ଲଗାଇବା ନିଶା

ନିଜ ଘର,ବାଡ଼ିରେ ମଧ୍ୟ ଗଛ ଲଗାଇବା ନିଶା ଏବେ ବି ଜାରି ରହିଛି । ବିରାଟ ଏରିଆ ହୋଇଥିବାରୁ ରକ୍ଷଣାବେକ୍ଷଣ ସମ୍ଭବ ହୋଇ ପାରୁନାହିଁ । ତେଣୁ କେବେ କେବେ ଲୋକମାନେ ଗଛକାଟି ନେଇ ଯାଉଛନ୍ତି । ବର୍ତ୍ତମାନ ସୁଦ୍ଧା କିଛି ସରକାରୀ ସହାୟତା ମିଳୁ ନଥିବା ବେଳେ ୨୦୨୦ ମସିହାରେ ତାଙ୍କୁ ୧୦ ହଜାର ଟଙ୍କା ସହ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଥିଲା । ଗଛ ଚୋରି ହେଉଥିବା କାରଣରୁ ସେଠାରେ ଜଣେ ଜଗୁଆଳିର ଆବଶ୍ୟକତା ରହିଛି । ସରକାରଙ୍କ ପକ୍ଷରୁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରୁନାହିଁ । ଫଳରେ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି । ଜଙ୍ଗଲ ନଷ୍ଟ ଯୋଗୁଁ ପରିବେଶ ନଷ୍ଟ ହେଉଛି । ଅନାବୃଷ୍ଟି, ତାପମାତ୍ରା ବୃଦ୍ଧି ପାଇଁ ଲୋକମାନେ ଦୁରାରୋଗ୍ୟରେ ପୀଡ଼ିତ ହେଉଛନ୍ତି । ଯଦି ସରକାରଙ୍କ ପକ୍ଷରୁ କିଛି ପ୍ରୋତ୍ସାହନ ମିଳି ପାରନ୍ତା ତେବେ ଏହି ଜଙ୍ଗଲର ସୁରକ୍ଷା ହୋଇ ପାରନ୍ତା ।



# ପରିବେଶବିଦ୍ ରାମ ମାଷ୍ଟ୍ରେ

# ଆଦର୍ଶ ଶିକ୍ଷକରୁ ପରିବେଶ ଯୋଦ୍ଧା

ସରୋଜ କୁମାର ଷଡ଼ଙ୍ଗୀ , ବରଗଡ଼

ଆଜି ସାରା ବିଶ୍ୱ ପରିବେଶ ସୁରକ୍ଷା ପାଇଁ ଚିନ୍ତିତ । ଜଳବାୟୁ ପରିବର୍ତ୍ତନ, ଉତ୍ତାପ ବୃଦ୍ଧି ସହ ଦିନକୁ ଦିନ ବଢ଼ି ଚାଲିଛି ପରିବେଶ ପ୍ରଦୂଷଣ । ପରିବେଶର ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବହୁ ଅର୍ଥ ଖର୍ଚ୍ଚ କରାଯାଉଛି । ଏହି ସମୟରେ ଜଣେ ୮୨ ବର୍ଷୀୟ ବ୍ୟକ୍ତି ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଆସୁଛନ୍ତି । ସେ ହେଉଛନ୍ତି ବରଗଡ଼ ଜିଲ୍ଲାର ପ୍ରକୃତିବନ୍ଧୁ ରାମଚନ୍ଦ୍ର ସାହୁ । ପେସାରେ ସେ ଥିଲେ ଜଣେ ଶିକ୍ଷକ, କିନ୍ତୁ ନିଶା ତାଙ୍କର ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ।

## ମହତ୍ ଉଦ୍ଦେଶ୍ୟ ନେଇ ବୃକ୍ଷରୋପଣ

ଜଣେ ଆଦର୍ଶ ଶିକ୍ଷକ ଓ ପରିବେଶବିଦ୍ ଭାବରେ ଜଣାଶୁଣା ରାମଚନ୍ଦ୍ର ସାହୁ । ବରଗଡ଼ ଜିଲ୍ଲାର ସୋହେଲା ବ୍ଲକ୍ ଅନ୍ତର୍ଗତ କନଗାଁର ବାସିନ୍ଦା ସେ । ସରକାରୀ ଶିକ୍ଷକ ଭାବରେ ୧୯୬୪ ମସିହାରୁ ୨୦୦୨ ଫେବୃଆରୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଛନ୍ତି । ସରଳ ଜୀବନଯାପନ, ଉଚ୍ଚ ଚିନ୍ତାଧାରାର ଜଣେ ପରୋପକାରୀ ଆଧ୍ୟାତ୍ମିକ ବ୍ୟକ୍ତି ଭାବରେ ଏହି ଅଞ୍ଚଳରେ ସମସ୍ତଙ୍କ ଅତି ପ୍ରିୟ 'ରାମ ମାଷ୍ଟ୍ରେ' ଭାବରେ ସେ ସୁପରିଚିତ । ସେ ୧୯୭୬ ମସିହାରେ ଉର୍ଦ୍ଦୁନା ଗ୍ରାମର ପାର୍ବତୀ ଦେବୀଙ୍କୁ ବିବାହ କରିଥିଲେ । ବହୁ ଚେଷ୍ଟା ପରେ କୌଣସି ପୁତ୍ର ସନ୍ତାନ ନ ହେବାରୁ ଉଭୟ ପତିପତ୍ନୀଙ୍କ ମନରେ ଦୁଃଖ ଥିଲା । ଦଶଟି ପୁତ୍ର ଜନ୍ମ ସହିତ ସହ ଗୋଟିଏ ବୃକ୍ଷରୋପଣ ସମାନ ବୋଲି ପୁରାଣରେ ବର୍ଣ୍ଣିତ ହୋଇଥିବା ସେ ଜାଣିବାକୁ ପାଇଥିଲେ । ଆଉ ଗଛରୁ ସାରା ଜୀବଜଗତ ଉପକୃତ ହୋଇଥାଏ ବୋଲି ଜଣେ ଶିକ୍ଷକ ଭାବରେ ଏ କଥା ଜାଣିଥିଲେ । ତେଣୁ ନିଜ ପତ୍ନୀଙ୍କ ସହଯୋଗରେ ସେ ଆରମ୍ଭ କରିଥିଲେ ବୃକ୍ଷରୋପଣ । ୧୯୮୮ ମସିହାରେ ତାଙ୍କ ସ୍ତ୍ରୀ ପାର୍ବତୀ ଦେବୀ ଘରେ ସାବିତ୍ରୀ ବ୍ରତ କରୁଥିବା ସମୟର ଗମଲାରେ ରଖି ପୂଜା କରୁଥିବା ବଟ ଓ ଅଶ୍ୱତ୍ଥ ବୃକ୍ଷକୁ ପ୍ରଥମେ ରୋପଣ କରିଥିଲେ । ଏହାପରେ ସେ ଏହି ବୃକ୍ଷରୋପଣ କାର୍ଯ୍ୟକୁ ନିରବଚ୍ଛିନ୍ନ ଭାବରେ ଜାରି ରଖିଛନ୍ତି । ପତ୍ନୀଙ୍କ ପ୍ରେରଣା ଓ ସହଯୋଗ ତାଙ୍କୁ ଏହି କାର୍ଯ୍ୟରେ ସଫଳତା ଆଣି ଦେଇଛି ।

## ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ ନିଶା

ବରଗଡ଼ ଜିଲ୍ଲାର ସୋହେଲା- ହଳଦିପାଲି ଜାତୀୟ ରାଜପଥରୁ କନଗାଁ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱର ପ୍ରାୟ ୫ କି. ମି., ଦଶମାଇଲ ଛକରୁ ସରକଣ୍ଡା ଗ୍ରାମକୁ ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ୫ କି. ମି., କନଗାଁ ଛକରୁ ବେହେରାପାଲି ରାସ୍ତାର ଉଭୟ ପାର୍ଶ୍ୱରେ ୩ କି.ମି., କନଗାଁ ଛକରୁ ଖରମୁଣ୍ଡା (ଭଟଲି ବ୍ଲକ୍) ରାସ୍ତାର ଉଭୟ ପାର୍ଶ୍ୱରେ ୬ କି.ମି., ଆର୍‌ଡି ରୋଡ୍‌ରୁ ବରିହାପାଲି ରାସ୍ତାର ଉଭୟ ପାର୍ଶ୍ୱରେ ୧.୫ କି.ମି. ରାସ୍ତାରେ ବୃକ୍ଷରୋପଣ ସେ କରିଛନ୍ତି । ବୃକ୍ଷରୋପଣ ସହ ପ୍ରତିଦିନ ପାଣି ଦେବା, ବୃକ୍ଷ ସୁରକ୍ଷା ପାଇଁ ବାଡ଼ ଦେବା ଆଦି କାର୍ଯ୍ୟ କରି ଆସୁଛନ୍ତି । ଖତ, ସାର, ଔଷଧ ପ୍ରୟୋଗ କରିଥାନ୍ତି । ଖରା, ବର୍ଷା, ଶୀତକୁ ଖାତିର ନ କରି ସେ ଆଜି ବି ଏହି କାର୍ଯ୍ୟ ଅବ୍ୟାହତ ରଖିଛନ୍ତି । ବଟ ଓ ଅଶ୍ୱତ୍ଥ ବୃକ୍ଷରୋପଣ ପାଇଁ ଚାରା ସଂଗ୍ରହ କରିବା ତାଙ୍କର ଏକ ମୁଖ୍ୟ କାମ । ଶିକ୍ଷକତା କରୁଥିବା ସମୟରେ ସେ ବଡ଼ିଭୋର୍‌ରୁ ଉଠି ଗଛଗୁଡ଼ିକର ଯତ୍ନ ନେଉଥିଲେ । ଏଥିପାଇଁ ସେ କେବେହେଲେ ଶିକ୍ଷାଦାନ କ୍ଷେତ୍ରରେ ଅବହେଳା କରିନାହାନ୍ତି ।



## ବୃକ୍ଷରୋପଣରେ ପେନ୍‌ସନ୍ ଟଙ୍କା ବିନିଯୋଗ

ପରିବେଶବିଦ୍ ରାମଚନ୍ଦ୍ର ସାହୁ ଚାରା ସଂଗ୍ରହ, ଚାରା ପ୍ରସ୍ତୁତି, ଗଛ ଲଗେଇବା ପାଇଁ ଗାତ ଖୋଳିବା, ପାଣି ଦେବା, ଖତସାର ଦେବା କାମ ସେ ନିଜେ ଏକାକୀ କରୁଥିଲେ । ବୟସାଧିକ କାରଣ ଯୋଗୁଁ ଏବେ ସେ ନିଜେ ପଇସା ଖର୍ଚ୍ଚ କରି ଶ୍ରମିକ ଲଗାଇ କାମ କରୁଛନ୍ତି । ନିଜ ପେନ୍‌ସନ୍ ପଇସାକୁ ଏହି ବୃକ୍ଷରୋପଣ ଓ ସୁରକ୍ଷା କାର୍ଯ୍ୟରେ ବିନିଯୋଗ କରୁଛନ୍ତି । ଗତ ତା: ୪-୪-୨୦୧୪ରେ ନିଜେ ଲଗାଇଥିବା ବୃକ୍ଷରୋପଣର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଥିଲେ । ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।



୧୯୯୫ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଦିନ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିଲେ । ଏହି ସମୟରେ ସେ ପାଇଥିବା ଏକ ହଜାର ଟଙ୍କାକୁ ଜିଲ୍ଲା ରେଡକ୍ରସକୁ ଦାନ କରିଥିଲେ । ଚଳିତ ବର୍ଷ ମଧ୍ୟ ସେ ପ୍ରକୃତି ବନ୍ଧୁ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ତା: ୨୭-୧୨-୨୦୧୩ରେ ହଳଦିପାଲିରେ ଏକ ସମାବେଶରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀଯୁକ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ତଥା ଜିଲ୍ଲା ବାହାରର ଶତାଧିକ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ପରିବେଶ ସୁରକ୍ଷା ସହିତ କବିତା ଲେଖିବା, ପ୍ରବଚନ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହ ସାଧୁ ସନ୍ଥଙ୍କ ସେବା କାର୍ଯ୍ୟ କରି ଅତି ସେ ସାଧାରଣ ଜୀବନ ନିର୍ବାହ କରୁଛନ୍ତି ।

## ଯୁବ ପିଢ଼ି ପାଇଁ ପ୍ରେରଣା





ରାମଚନ୍ଦ୍ର ସାହୁ ଶତାଧିକ ବଟ ବୃକ୍ଷ ସହିତ ପ୍ରାୟ ହଜାର ହଜାର ବୃକ୍ଷ ରୋପଣ କରିଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ବଟ, ଅଶ୍ୱତ୍ଥ, ଆମ୍ବ, ଡୁମ୍ବେର ଆଦି ବୃକ୍ଷରୋପଣ କରି ଏହାର ସୁରକ୍ଷା ଓ ସଂରକ୍ଷଣ କରି ଆସୁଛନ୍ତି । ଆଜି ପରିଣତ ବୟସରେ ମଧ୍ୟ ସେ ବୃକ୍ଷରୋପଣ, ପରିବେଶ ସୁରକ୍ଷା କାର୍ଯ୍ୟ ଜାରି ରଖିଛନ୍ତି । ଗ୍ରୀଷ୍ମର ପ୍ରବଳ ଖରା ସମୟରେ ଏହି ଗଛ ତଳେ ଥକା ମାରି ବସୁଥିବା ପଥଚାରୀ ଏବଂ ଆମ୍ବ ଗଛର ଫଳ ଖାଉଥିବା ପିଲାମାନଙ୍କୁ ଦେଖିଲେ ତାଙ୍କ ପରିଶ୍ରମ ସଫଳ ହୋଇଥିବା ସେ ପ୍ରକାଶ କରନ୍ତି । ତାଙ୍କଠାରୁ ଅନୁପ୍ରାଣିତ ହୋଇ ବର୍ତ୍ତମାନ ବହୁ ଯୁବକ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି । ପ୍ରଚାର ପ୍ରସାରଠାରୁ ଦୂରେଇ ରହି ନିଷ୍ଠାପର ଭାବେ ସେ ଆଗାମୀ ପିଢ଼ି ପାଇଁ ବୃକ୍ଷରୋପଣ କରିଚାଲିଛନ୍ତି । ■



# ୫୦ ହଜାର ବୃକ୍ଷର ସୁରକ୍ଷାଦାତା ଗଛ ସାର୍

ଅନୀଲ କୁମାର ପଣ୍ଡା , ନୟାଗଡ଼

**ଗଛ ଲଗାଇବା ହେଉଛି ତାଙ୍କର ନିଶା । ଗଛ ପାଇଁ ସମର୍ପିତ ସେ ସାରା ଜୀବନ । ପରିବେଶ ସୁରକ୍ଷା ଓ ବୃକ୍ଷରୋପଣକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିବା ଜଣେ ନିଆରା ମଣିଷ ହେଉଛନ୍ତି ନୟାଗଡ଼ ଜିଲ୍ଲାର ଅନ୍ତର୍ଯ୍ୟାମୀ ସାହୁ । ସେ ଗଛ ସାର୍ ପରିଚିତ । କେବଳ ନୟାଗଡ଼ ନୁହେଁ, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲାରେ ମଧ୍ୟ ଜଣେ ପରିବେଶବିଦ୍ ଭାବରେ ସେ ଜଣାଶୁଣା । ଶିକ୍ଷାଦାନକୁ ପେସା ଭାବେ ଗ୍ରହଣ କରିଥିବା ଅନ୍ତର୍ଯ୍ୟାମୀଙ୍କ ନିଶା ହେଉଛି ବୃକ୍ଷରୋପଣ କରିବା । ନିଜେ ବୃକ୍ଷରୋପଣ କରିବା ସହିତ ସେ ଅନ୍ୟମାନଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରନ୍ତି ।**



## ପେସା ଶିକ୍ଷାଦାନ, ନିଶା ବୃକ୍ଷରୋପଣ


ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ଥୋଡ଼ିଆ ସାହିର ବାସିନ୍ଦା ଅନ୍ତର୍ଯ୍ୟାମୀ ସାହୁ । ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ପରଠାରୁ ସେ ବୃକ୍ଷରୋପଣ କରିବା ଆରମ୍ଭ କରିଛନ୍ତି । ସେ ଷଷ୍ଠ ଶ୍ରେଣୀରୁ ଲଗାଇଥିବା ବର, ଅଶ୍ୱତ୍ଥ ଗଛ ଆଜି କଣ୍ଟିଲୋ ନେଳୀପୋଖରୀ ହୁଡ଼ା ଏବଂ ଗୋରୁ ହାଟ ପଡ଼ିଆରେ ବିଶାଳ ବୃକ୍ଷରେ ପରିଣତ ହୋଇଛି । ବୃକ୍ଷ ପାଇଁ ନିଜ ଜୀବନକୁ ସମର୍ପି ଦେଇଥିବା ଅନ୍ତର୍ଯ୍ୟାମୀ ସାହୁ ମାଟ୍ରିକ ପରୀକ୍ଷା ପରେ ସିଟି ତାଲିମ ନେଇଥିଲେ । ପରେ ତତ୍କାଳୀନ ଫୁଲବାଣୀ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟପଡ଼ା ପଞ୍ଚାୟତ ସିଲେଟପଡ଼ା ୟୁପି ସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ । ପରେ ବୌଦ୍ଧ ଜିଲ୍ଲା ଲୁଣିବାଲ ଝାଡ଼କାଶ ୟୁପି ସ୍କୁଲକୁ ବଦଳି ହେବା ପରେ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ । ବିଦ୍ୟାଳୟରେ ବୃକ୍ଷରୋପଣ ସାଙ୍ଗକୁ ଉକ୍ତ ଗ୍ରାମରେ 'ଗ୍ରାମଲକ୍ଷ୍ମୀ ଉଦ୍ୟାନ' ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶହ ଶହ ଶାଗୁଆନ ବୃକ୍ଷରୋପଣ କରି 'ଗ୍ରାମଲକ୍ଷ୍ମୀ ଉଦ୍ୟାନ'କୁ ସବୁଜ ସୁନ୍ଦର କରିଥିଲେ । ଯାହାର ସୁଫଳ ଆଜି ଗ୍ରାମବାସୀ ପାଉଛନ୍ତି । ଏଥିସହିତ ହରଭଙ୍ଗା ବ୍ଲକ୍‌ରେ ଥିବା ଲୁମ୍ବିନ ଉଦ୍ୟାନକୁ ସବୁଜ ସୁନ୍ଦର କରିବାରେ ସେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ନେଇଥିଲେ । ଶିକ୍ଷକତା ସହିତ ବଳକା ସମୟରେ ଚାରା ଉତ୍ପାଦନ କରିବା ଏବଂ ଉତ୍ପାଦିତ ଚାରାକୁ ବୁଲି ବୁଲି ଗ୍ରାମବାସୀଙ୍କୁ ବାଣ୍ଟୁଥିଲେ । ସାର୍, ଗଛ ବାଣ୍ଟୁଥିବାରୁ ସମସ୍ତେ ତାଙ୍କୁ ଶ୍ରଦ୍ଧାରେ 'ଗଛ ସାର୍' ଭାବେ ସମ୍ମାନ ଦିଅନ୍ତି ।




## ପରିବେଶ ସୁରକ୍ଷା ପାଇଁ ସଂକଳ୍ପ

ସର୍ବଦା ତାଳ ଓ ଖଜୁରି ଗଛ ରୋପଣ ଉପରେ ସେ ଗୁରୁତ୍ୱାରୋପ କରନ୍ତି । କାରଣ ବଜ୍ରପାତରୁ ରକ୍ଷା ପାଇବା ଏବଂ ବାଇଚଢ଼େଇଙ୍କ ସୁରକ୍ଷା କଥା ସେ ଚିନ୍ତା କରନ୍ତି । ଏଥିପାଇଁ ସେ ଗାଁ ଗାଁ ବୁଲି ମଞ୍ଜି ଓ ଚାରା ବଣ୍ଟନ କରିବା ସହିତ ଲୋକଙ୍କୁ ବୃକ୍ଷରୋପଣ କରିବା ପାଇଁ ପ୍ରବର୍ତ୍ତାଇଥାନ୍ତି । ତାଙ୍କ କହିବାନୁସାରେ, ଗୋଟିଏ ଖଜୁରି ଏବଂ ତାଳ ଗଛ ୮୦ରୁ ଶହେ ବର୍ଷ ବଞ୍ଚିବ । ଏହା ଜୀବଜନ୍ତୁଙ୍କ ପାଇଁ ଖାଦ୍ୟ ଯୋଗାଇବା ସହ କିଛି ଲୋକଙ୍କ ପାଇଁ ରୋଜଗାରର ମାଧ୍ୟମ ହେବ । ବନବିଭାଗ ପକ୍ଷରୁ ପଥପାର୍ଶ୍ୱର ବନୀକରଣ ବେଳେ ଖଜୁରି ଏବଂ ତାଳବୃକ୍ଷ ରୋପଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ମହାନଦୀ କୂଳରେ ବୃକ୍ଷରୋପଣ କରିବା ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବାରେ ଏବେ ତାଙ୍କର ଅବସର ସମୟ କଟୁଛି । ସରକାରଙ୍କ ପକ୍ଷରୁ ମିଳୁଥିବା ପେନ୍‌ସନ୍‌କୁ ସେ ଦରମା ବୋଲି ଭାବନ୍ତି । କିଛି ପାରିଶ୍ରମିକ ମିଳୁଛି ମାନେ ରାଜ୍ୟ ଓ ଦେଶର ଉନ୍ନତି ପାଇଁ ସମୟ ଦେବା ଆବଶ୍ୟକ ବୋଲି ସେ କହନ୍ତି । ଏହା ଏକ ମାନବିକ ଏବଂ ସାମାଜିକ କର୍ତ୍ତବ୍ୟ ବୋଲି ସେ କହନ୍ତି । ଭଗବାନଙ୍କ ପ୍ରକୃତି ଏବଂ ପରିବେଶକୁ ରକ୍ଷା କରିବା, ତାଙ୍କର ଦାୟିତ୍ୱ ବୋଲି ସେ କହିଥାନ୍ତି ।




## ଯୁବ ପିଢ଼ିଙ୍କ ପ୍ରେରଣାଦାତା

କେବଳ ନୟାଗଡ଼ ଓ ବୌଦ୍ଧ ଜିଲ୍ଲା ନୁହେଁ, ସେ ରାଜ୍ୟର ୮ ଟି ଜିଲ୍ଲାକୁ ଯାଇ ବୃକ୍ଷରୋପଣ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରିଛନ୍ତି । ଆର୍‌ସିଡିସି ନାମକ ଏକ ଏନ୍‌ଜିଓ ଜରିଆରେ ସେ ଜଣେ ରିର୍ସୋସ ପର୍ସନ ଭାବେ ବୌଦ୍ଧ, ସୋନପୁର, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା ଓ ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟ କରିଛନ୍ତି । ଏ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସେ ୫୦ ହଜାରରୁ ଅଧିକ ବୃକ୍ଷରୋପଣ କରିସାରିଛନ୍ତି । ବୃକ୍ଷକୁ ସୁରକ୍ଷା ଦେବା ଏବଂ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିବାକୁ ସେ ଗୁରୁତ୍ୱ ଦିଅନ୍ତି । ବୃକ୍ଷରୋପଣ କେବଳ ମଣିଷ ଉପଯୋଗୀ ନହୋଇ ଜୀବଜନ୍ତୁ ଉପଯୋଗୀ ହେବା ଆବଶ୍ୟକ ବୋଲି ଗଛ ସାର୍‌ଙ୍କ ମତ । ପଳାଶ, ଶିମିଳି ଆଦି ବୃକ୍ଷରୋପଣ କରାଗଲେ ମହୁ ମାଛି ବହୁ ପରିମାଣର ମଧୁ ସଂଗ୍ରହ କରିବାରେ ସହାୟକ ହେବ । ସେହିଭଳି କୋଚିଲା ଗଛ ଦ୍ୱାରା କୋଚିଲା ଖାଇ ପକ୍ଷୀ ଏବଂ ମାଙ୍କଡ଼ମାନେ ଖାଦ୍ୟ ପାଇ ପାରିବେ ବୋଲି ସେ କହିଛନ୍ତି । ଅଡ଼ଙ୍ଗା ବୃକ୍ଷ ଏବେ ଜଙ୍ଗଲଗୁଡ଼ିକରୁ ଲୁପ୍ତ ହୋଇଯାଉଥିବାରୁ ସେ ଉଦବେଗ୍ ପ୍ରକାଶ କରିଛନ୍ତି । ତାହାର କନ୍ଦାକୁ ବାହାରକୁ ଚାଲାଣ କରାଯାଉଥିବାରୁ ଏହି ବୃକ୍ଷ ବିଲୁପ୍ତ ହୋଇଯିବା ଆଶଙ୍କା ସେ କରିଛନ୍ତି । ଲୋକମାନେ ଅମ୍ଳଜାନ ନପାଇ ମୃତ୍ୟୁ ମୁଖରେ ପଡୁଛନ୍ତି । ବୃକ୍ଷ ହିଁ ଅମ୍ଳଜାନ ଯୋଗାଇବାରେ ସହାୟକ ହେଉଥିବା ବେଳେ ମଣିଷ ସମାଜ ବୃକ୍ଷର ଶତ୍ରୁ ସାଜୁଥିବା ତାଙ୍କୁ ବ୍ୟଥିତ କରେ । ଆଜିର ଯୁବପିଢ଼ି ନିଜର ଦୈନନ୍ଦିନ କାର୍ଯ୍ୟ ସହ ବୃକ୍ଷରୋପଣ ଏବଂ ତାହାର ସୁରକ୍ଷା ପାଇଁ କିଛି ସମୟ ଦେବାକୁ ସେ ଆହ୍ୱାନ ଦେଇଛନ୍ତି ।

ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଜାରକାଣୀ ପଞ୍ଚାୟତର ଇଟାମୁଣ୍ଡିଆ ଗ୍ରାମର 'ବାବା' ଓରଫ୍ ଗୋପୀନାଥ ସିଂ ଜଣେ ପରିବେଶ୍ ପ୍ରେମୀ ଭାବେ ପରିଚିତ । ଦୀର୍ଘ ୪୦ ବର୍ଷ ଧରି ଗଛ ଲଗାଇ ଆସୁଛନ୍ତି ନିଷ୍ଠା ଓ ଆନ୍ତରିକତା ସହିତ । ନିଜର ଉତ୍ସର୍ଗୀକୃତ ମନୋଭାବ ନେଇ ସେ ୧୬୦ ହେକ୍ଟର ଜମିରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରିପାରିଛନ୍ତି । ଗୋପୀନାଥଙ୍କ ମହତ୍ ଚିନ୍ତାଧାରା ଓ ପରିବେଶ୍ ସୁରକ୍ଷା ପାଇଁ ସମର୍ପିତ ଜୀବନ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ।

**ମନୋଜ ପଣ୍ଡା**, ବାରିପଦା

# ବୃକ୍ଷରୋପଣରେ ସମର୍ପିତ ଗୋପୀନାଥ



## ୪୦ ବର୍ଷ ଧରି ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟରତ

ଗୋପୀନାଥଙ୍କୁ ଏବେ ୬୬ବର୍ଷ। ତାଙ୍କର ଈଶ୍ୱର ଭକ୍ତି, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ଚାଲିଚଳନ ତଥା ଜୀବନ ଚର୍ଯ୍ୟା ପାଇଁ ଦେଖିଲେ ସ୍ୱତଃ ମୁଣ୍ଡ ନଇଁ ପଡ଼େ। ଯୁବାବସ୍ଥାରୁ ୪୦ବର୍ଷ ଧରି ଜଙ୍ଗଲ ସୁରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିଆସୁଛନ୍ତି। 'ବନ ସୁରକ୍ଷା ସମିତି'ର ସଭାପତି ଦାୟିତ୍ୱ ନିର୍ବାହ କରି ସମଗ୍ର ଜିଲ୍ଲାରେ ଉଦାହରଣ ସୃଷ୍ଟି କରିଛନ୍ତି। ଗାଁର ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ନେବା ସାଙ୍ଗକୁ ଜଙ୍ଗଲ ଜମି ଜବରଦଖଲକୁ ପ୍ରଥମେ ବିରୋଧ କରି ୨୪ ବର୍ଷ ବୟସରେ ଆରମ୍ଭ ହୋଇଥିଲାଟେ ଗାପୀନାଥଙ୍କ ଅଭିଯାନ। ଯାହା ବର୍ତ୍ତମାନ ମହାଦ୍ରୁମରେ ପରିଣତ ହୋଇଛି। ନିଷ୍ଠା ଓ କର୍ମ ପାଇଁ ସେ ନିରବଚ୍ଛିନ୍ନ ଭାବରେ ୪୦ ବର୍ଷ ଧରି ଗାଁ ବନ ସୁରକ୍ଷା ସମିତିର ସଭାପତି ଦାୟିତ୍ୱ ତୁଲାଉଛନ୍ତି । ଇଟାମୁଣ୍ଡିଆ ଗାଁର ୩ଟି ୱାର୍ଡର ୧୧୦ ପରିବାର ସମସ୍ତେ ସମିତିର ସଦସ୍ୟ । ମୋଟ ଜନସଂଖ୍ୟା ୮ଶହରୁ ଉର୍ଦ୍ଧ୍ୱ ହେଲେ ସମସ୍ତେ ସଭାପତିଙ୍କ ଆଦର୍ଶରେ ଅନୁପ୍ରାଣିତ।

## ସଂଗୃହୀତ ମଞ୍ଜି ବୁଣି ଜଙ୍ଗଲ ସୃଷ୍ଟି

ପ୍ରଥମେ ଟାଙ୍ଗର ଭୂଇଁରେ ନିଜେ ପାୱାର ଟିଲରରେ ହଳ କରି ଲୋକଙ୍କଠାରୁ ସଂଗୃହୀତ ବିଭିନ୍ନ ଗଛର ମଞ୍ଜି ବୁଣି ଗୋପୀନାଥ ଆରମ୍ଭ କରିଥିଲେ ଜଙ୍ଗଲ ତିଆରି । ପରବର୍ତ୍ତୀ ସମୟରେ ବନ ବିଭାଗର ସହାୟତାରେ ସଂରକ୍ଷିତ ଜଙ୍ଗଲର ୧୩୦ ହେକ୍ଟରର ଜମିରେ ଗଛ ଲଗାଇ ବର୍ତ୍ତମାନ ତା'ର ପରିସୀମା ଅଧିକ ୩୦ ହେକ୍ଟର ଅର୍ଥାତ ୧୬୦ ହେକ୍ଟର ଜମିରେ ସୃଷ୍ଟି ହୋଇଛି ଘଞ୍ଚ ଜଙ୍ଗଲ । ଯେଉଁ ଜଙ୍ଗଲରେ ବର୍ତ୍ତମାନ ଭାଲୁ, ବାର୍ହାଠାରୁ ଆରମ୍ଭ କରି ବିଭିନ୍ନ ପ୍ରଜାତିର ଅନେକ ବନ୍ୟଜନ୍ତୁ ବିଚରଣ କରୁଛନ୍ତି । ୧୫ ବର୍ଷ ପୂର୍ବେ ରୋପଣ ହୋଇଥିବା ୨ ହଜାର ଅଁଳା ଗଛ ବର୍ତ୍ତମାନ ସମସ୍ତଙ୍କ ପାଇଁ ଉଦାହରଣ । ସମସ୍ତ ଗଛରେ ଅଁଳା କୋଳି ଫଳୁଥିଲେ ହେଁ ତା'ର ବିକ୍ରି କରା ନଯାଇ ଲକ୍ଷାଧିକ ଟଙ୍କାର କୋଳି ସର୍ବସାଧାରଣଙ୍କୁ ବାଣ୍ଟି ଦିଆଯାଇଥାଏ । ଶିବରାତ୍ରୀ ଓ ଲକ୍ଷ୍ମୀ ପୂଜା ସମୟରେ ଆଖପାଖ ଗ୍ରାମର ଜନସାଧାରଣ ଅଁଳା ଖଡ଼ିକା ନେଉଛନ୍ତି । ସେହିପରି ୫ ଶହ ଶାଳଗଛ ରୋପଣ ପରେ ସମସ୍ତ ଗଛ ବଞ୍ଚାଇ ସୃଷ୍ଟି କରିଛନ୍ତି ସେ ବିରଳ ଉଦାହରଣ । ଅନ୍ୟାନ୍ୟ ଗଛ ମଧ୍ୟରେ ରହିଛି ବାଉଁଶ, ପଟାସ, ଆକାଶିଆ, ନିମ୍ବ, କୋଚିଲା, କରଞ୍ଜ, ବେଲ, ଆମ୍ବ, ପଣସ, ହରିଡ଼ା ଓ ବାହାଡ଼ା ପରି ଅନେକ ଔଷଧୀୟ ବୃକ୍ଷ । ଜଙ୍ଗଲ ସୃଷ୍ଟି ସହିତ ସମିତିର ସଦସ୍ୟଙ୍କ ସହଯୋଗରେ ଗ୍ରାମରେ ଏକ ଆଦର୍ଶ ପୋଖରୀ ସହିତ ପୋଖରୀ ତୁଠ ନିର୍ମାଣ କରିଛନ୍ତି । ଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରି ପରିବେଶ ସୁରକ୍ଷାରେ ସମସ୍ତ ଗ୍ରାମବାସୀଙ୍କୁ ସାମିଲ କରିଛନ୍ତି । ପରିବେଶ ସୁରକ୍ଷା ପ୍ରତି ଉଲ୍ଲେଖନୀୟ ଅବଦାନ ଯୋଗୁଁ ୨୦୨୫ ମସିହା ସାଧାରଣତନ୍ତ୍ର ଦିବସ ଅବସରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଗୋପୀନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।



## ସମାଜସେବୀ ଗୋପୀନାଥ

ପ୍ରଥମେ ନିଜେ ଗୋପୀନାଥ ଦିନ ରାତି ଜଙ୍ଗଲରେ ପ୍ରହରା ଦେଉଥିବା ବେଳେ ବର୍ତ୍ତମାନ ସମିତିର ସଦସ୍ୟ ପାଳି କରି ଜଙ୍ଗଲ ଜଗୁଛନ୍ତି । ଜଙ୍ଗଲରୁ ମିଳୁଥିବା ଶୁଖିଲା କାଠ, ପତ୍ର, ମଞ୍ଜି, ଝୁଣା, ମହୁ ଓ ଲାଖ ଆଦିର ନିଲାମ ପରେ ସଞ୍ଚିତ ଅର୍ଥ ବନ ସୁରକ୍ଷାରେ ବିନିଯୋଗ ହେଉଛି । ଗୋପୀନାଥଙ୍କ ନେତୃତ୍ୱରେ ଗାଁମୁଣ୍ଡରେ ନିର୍ମାଣ ହୋଇଛି ଏକ ଶିବ ମନ୍ଦିର । କେବଳ ମନ୍ଦିର ନିର୍ମାଣ ନୁହଁ, ତା'ର ପରିଚାଳନା ପାଇଁ କମିଟି ଦ୍ୱାରା ୨ ମାଣ ଜମି ମଧ୍ୟ କିଣା ଯାଇଛି । ଗୋପୀନାଥ ପ୍ରତିଦିନ ପ୍ରତ୍ୟୁଷରୁ ଦିଅଁଙ୍କ ପାଇଁ ଫୁଲ ତୋଳିବାଠାରୁ ଆରମ୍ଭ କରି ମନ୍ଦିର ପ୍ରାଙ୍ଗଣ ଝାଡୁ ମାରି ଧୋଇବା ତାଙ୍କର ଦୈନନ୍ଦିନ ପ୍ରାରମ୍ଭିକ କାର୍ଯ୍ୟ । ସମାଜର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟରେ ସେ ନିଜକୁ ସମର୍ପିତ କରି ରଖିଛନ୍ତି । ଏପରି କାର୍ଯ୍ୟ ପାଇଁ ତାଙ୍କୁ ଛୋଟଠାରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତେ ଡାକୁଛନ୍ତି 'ବାବା'। ୧୦ ବର୍ଷ ତଳେ ପତ୍ନୀ ବିୟୋଗ ଘଟିଛି ତାଙ୍କର । ବର୍ତ୍ତମାନ ତାଙ୍କର ୩ ପୁଅ ଓ ଗୋଟିଏ ଝିଅ ଥିବା ବେଳେ ସମସ୍ତେ ବିବାହିତ । ବଡ଼ପୁଅ ଗାଁରେ ରହି ଚାଷବାସ କରୁଛନ୍ତି। ଦ୍ୱିତୀୟ ପୁଅ ପ୍ରତିରକ୍ଷା ବିଭାଗରେ ହିମାଚଳ ପ୍ରଦେଶରେ ଚାକିରି କରୁଥିବା ବେଳେ ସାନ ପୁଅ ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ଯୁବ ଯନ୍ତ୍ରୀ । ଗୋପୀନାଥ ନିଜେ ଉଚ୍ଚଶିକ୍ଷିତ ନହୋଇଥିଲେ ହେଁ ତାଙ୍କର କର୍ମ ପାଇଁ ଈଶ୍ୱର ଆଶୀର୍ବାଦ ସ୍ୱରୂପ ପିଲାମାନେ ନିଜେ ନିଜ ସ୍ଥାନରେ ପ୍ରତିଷ୍ଠିତ ବୋଲି ସେ କହିଛନ୍ତି ।



# ପୈତୃକ ଜମିରେ ୧୨ ହଜାର ବୃକ୍ଷରୋପଣ

# ପରିବେଶବିଦ୍ ସୁକାନ୍ତି

**ପରିବେଶକୁ ସଜାଡ଼ିବା ଲାଗି ୩୨ ବର୍ଷ ବୟସରୁ ଅଦ୍ୟାବଧି ଉଦ୍ୟମ ଚଳାଇଛନ୍ତି ଖୋର୍ଦ୍ଧା ବ୍ଲକ୍ କୁରାଢ଼ମଲ୍ଲ ପଞ୍ଚାୟତ ଅନ୍ତର୍ଗତ ଶିଆଳିଆର ସୁକାନ୍ତି ପଟ୍ଟନାୟକ । ଶିଆଳିଆର ପ୍ରସନ୍ନ ପଟ୍ଟନାୟକଙ୍କ ସହଧର୍ମିଣୀ ସେ । ବୟସ ୬୧ ବର୍ଷ । ବର୍ଷ ବର୍ଷ ଧରି ସେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କରିଆସୁଛନ୍ତି । ଏଥିପାଇଁ ଶ୍ରୀମତୀ ପଟ୍ଟନାୟକ ଶିଆଳିଆ ଗ୍ରାମରେ ଥିବା ନିଜସ୍ୱ ପ୍ରାୟ ୪ ଏକରର ପୈତୃକ ଜମିରେ ୧୨ ହଜାରରୁ ଅଧିକ ବିଭିନ୍ନ ଗଛ ଲଗାଇ ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି । ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା ମିଳିଛି ।**



ରଞ୍ଜିତ କେ.ଏନ୍. ସାମନ୍ତରାୟ, ଖୋର୍ଦ୍ଧା

## ପ୍ରେରଣାଦାତା ବାପା

ବାଙ୍କୀ ଚର୍ଚ୍ଚିକା ଅଞ୍ଚଳର ମୂଳବାସିନ୍ଦା ସ୍ୱର୍ଗତଃ ଯଦୁନାଥ ମହାପାତ୍ର ଓ ନିଦ୍ରାବତୀ ମହାପାତ୍ରଙ୍କ ସୁକନ୍ୟା ସୁକାନ୍ତି । ନିଜସ୍ୱ ଉଦ୍ୟମରେ ୧୯୯୫ ମସିହାରେ ମା' ମଙ୍ଗଳା ଆଦିବାସୀ ମହିଳା ସମିତି ଗଠନ କରି ସଦସ୍ୟାମାନଙ୍କ ସହଯୋଗରେ ଜଙ୍ଗଲର ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଛନ୍ତି । ଜଣେ ସମାଜସେବୀ ଭାବେ ସେ ଏହି ଅଞ୍ଚଳରେ ଜଣାଶୁଣା । ନିଜସ୍ୱ ଉଦ୍ୟମରେ ଆଦିବାସୀବର୍ଗର ମହିଳାଙ୍କୁ ସିଲେଇ, ବେତ ବାଉଁଶ କାରିଗରୀ, ଆଚାର ଓ ପାମ୍ପଡ଼ ପ୍ରସ୍ତୁତି ଆଦି କାର୍ଯ୍ୟ ଶିଖେଇଥାନ୍ତି । ଅତି ସାଦାସିଧା ଜୀବନ ଜୀଉଁଥିବା ସୁକାନ୍ତି ବୃକ୍ଷରୋପଣକୁ ନିଜର ବୃତ୍ତି ଭାବେ ଆଦରି ନେଇଛନ୍ତି । ତାଙ୍କ ପରଲୋକଗତ ପିତା ଯଦୁନାଥ ରାସ୍ତାପାର୍ଶ୍ୱରେ ଗଛ ଲଗାଇ ଲୋକଙ୍କ ଉପକାର କରୁଥିଲେ । ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପ୍ରତି ବାପାଙ୍କ ତ୍ୟାଗ ଓ ନିଷ୍ଠା ଦେଖି ସେ ପ୍ରଭାବିତ ହୋଇଥିଲେ ।





## ୩୦ ବର୍ଷ ଧରି ବୃକ୍ଷରୋପଣ ପ୍ରତି ସମର୍ପିତ

ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୩୦ ବର୍ଷରୁ ଅଧିକ ହେବ ଶିଆଳିଆସ୍ଥିତ ବିସ୍ତୀର୍ଣ୍ଣ ଜଙ୍ଗଲର ସୁରକ୍ଷା ପାଇଁ ସୁକାନ୍ତି ନିଜକୁ ନିୟୋଜିତ କରିଛନ୍ତି । ନିଜ ହାତଗଢ଼ା ଜଙ୍ଗଲର ସୁରକ୍ଷା ପାଇଁ ସେ ଅବିରତ ସଂଗ୍ରାମ ଚଳାଇବା ସହ ଦିନକୁ ପ୍ରାୟ ୧୫ ଘଣ୍ଟା ପରିଶ୍ରମ କରିଥାନ୍ତି । ଗଛ ଲଗାଯିବା ପରେ ତାକୁ ବଞ୍ଚାଇବା ପାଇଁ ପାଣିର ଆବଶ୍ୟକତା ଥିବାରୁ ସେ ଏହି ଜଙ୍ଗଲରେ ବିଶାଳ ପୋଖରୀ ଖନନ କରିଛନ୍ତି । ଏହି ପୋଖରୀରେ ମଧ୍ୟ ସେ ମାଛଚାଷ କରିଛନ୍ତି । ଏହାଛଡ଼ା ଏକାଧିକ ବୋରିଂ ନିର୍ମାଣ କରି ବୋରିଂର ପାଣି ଯେଭଳି ସଠିକ୍ ଭାବେ ପ୍ରତିଟି ଗଛ ନିକଟରେ ପହଞ୍ଚିପାରିବ, ସେଥିପାଇଁ ସେ ଜଳସେଚନ ପଦ୍ଧତି ମଧ୍ୟ ଆପଣାଇଛନ୍ତି । ବିଶେଷ କରି ଏହି ସଂରକ୍ଷିତ ଜଙ୍ଗଲ ତାଙ୍କର ଏକପ୍ରକାର କର୍ମସ୍ଥଳୀ ବନି ଯାଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ସମ୍ପ୍ରତି ପରିଣତ ବୟସରେ ସେ ପହଞ୍ଚିଥିଲେ ହେଁ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ଏହି ଜଙ୍ଗଲର ୪ ଘେରା ବୁଲିବା ସହ ପହରା ଦେଇଥାନ୍ତି । କାଠମାଫିଆଙ୍କଠାରୁ ଏହି ସଂରକ୍ଷିତ ଜଙ୍ଗଲକୁ ରକ୍ଷା କରିବା ଲାଗି ସେ ଅବିରତ ଲାଗିପଡ଼ିଥାନ୍ତି । ସେ ଏହି ଜମିରେ ବିପୁଳ ପରିମାଣର ଆମ୍ବ, ପଣସ, ଶାଗୁଆନ, ଇଉକାଲିପଟାସ, କାଜୁବାଦାମ, ପିଜୁଳି ଆଦି ଗଛ ଲଗାଇଛନ୍ତି ।



## ଜଙ୍ଗଲରେ ସମନ୍ୱିତ କୃଷି

ସୁକାନ୍ତି ଜଙ୍ଗଲର ଯେଉଁ ଅଂଶରେ ଗଛ ଲଗାଇଛନ୍ତି, ସେଠାରେ ସମନ୍ୱିତ କୃଷି ପଦ୍ଧତି ଆପଣାଇଛନ୍ତି । ସେଠାରେ କଲରା, ବାଇଗଣ, କାକୁଡ଼ି, ଲଙ୍କା, ବିନ୍‌ସ, ଫୁଲକୋବି, ଲେମ୍ବୁ, ବନ୍ଧାକୋବି, ମୂଳା ଏବଂ ଗାଜର ଆଦି ଫସଲ ଉତ୍ପାଦନ କରିଥାନ୍ତି । ସେହିପରି ଗେଣ୍ଡୁଫୁଲ ଚାଷ କରି ବେଶ୍ ଲାଭବାନ ହେଉଥିବା ସେ କହିଛନ୍ତି । ସେହିପରି ନିଜସ୍ୱ ଉଦ୍ୟମରେ ଜୈବିକ ଖତ ପ୍ରସ୍ତୁତ କରି ସେ ଏହି ଫସଲରେ ପ୍ରୟୋଗ କରୁଛନ୍ତି । ତା'ସହିତ ସେ ୨୦ରୁ ଅଧିକ ଗାଈ ଓ ବାଛୁରୀ ରଖି ଗୋଚାଷ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି । ଏହାଛଡ଼ା ବରୁଣେଇ ଉନ୍ନୟନ ସମିତି ଗଠନ କରି ସେ ବରୁଣେଇ ଜଙ୍ଗଲର ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏଥିପାଇଁ ତାଙ୍କୁ ମହାମହିମ ପୂର୍ବତନ ରାଜ୍ୟପାଳ ଗୋପାଳ ରାମାନୁଜମ୍ ରାଜ୍ୟପାଳ ପୁରସ୍କାର ପ୍ରଦାନ କରିଥିଲେ । ଜଙ୍ଗଲ ସୁରକ୍ଷା ତଥା ଜଙ୍ଗଲ ସୃଷ୍ଟି ଦିଗରେ ତାଙ୍କର ବିଶେଷ ଅବଦାନ ଥିଲେ ମଧ୍ୟ ଏଯାବତ୍ ତାଙ୍କୁ ସେଭଳି ସରକାରୀ ପ୍ରୋତ୍ସାହନ ଦିଆଯାଇନାହିଁ । ଏଥିପାଇଁ ସେ କ୍ଷୋଭ ପ୍ରକାଶ କରିଛନ୍ତି । ■



# ପରିବେଶ ପ୍ରହରୀ ସରୋଜ

# ଲଗାଇଛନ୍ତି ୪୦ ହଜାର ଗଛ

ପେସାରେ ଜଣେ ବ୍ୟାଙ୍କ କର୍ମଚାରୀ, ହେଲେ ନିଶା ତାଙ୍କର ପରିବେଶ ସୁରକ୍ଷା। ବୃକ୍ଷରୋପଣ, ବେଳାଭୂମି ସଫେଇ, ଅଲିଭ୍‌ରିଡଲେ କଇଁଛଙ୍କ ସୁରକ୍ଷା ଦିଗରେ ତାଙ୍କର ରହିଛି ବେଶ୍ ସକ୍ରିୟତା। ପେସାର ବ୍ୟସ୍ତତାରୁ ଫୁର୍‌ସତ ପାଇବା ପରେ ତାଙ୍କ ଗାଡ଼ି ଗଡ଼ିଚାଲେ ନିଶା ଅଭିମୁଖେ। ପେସାରୁ ନିଶା ପ୍ରାୟ ୫-୫ କିମି ଦୂର। ହେଲେ ପ୍ରକୃତିକୁ ସେ ଏତେ ଭଲପାଆନ୍ତି ଯେ ପ୍ରାୟ ପ୍ରତିଦିନ ବୃତ୍ତିର କ୍ଷେତ୍ର ପୁରୀରୁ ଛୁଟିଯାଆନ୍ତି ସମୁଦ୍ର ଛୁଇଁଥିବା ନିପଟ ଗାଁ ତଣ୍ଡାହାରକୁ। ସେଠାରେ ନିଜେ ତିଆରି କରିଛନ୍ତି ଛୋଟିଆ ଝାଉଁ ଜଙ୍ଗଲଟିଏ। ସନ୍ଧ୍ୟାରେ କେଲୁଣୀ ମୁହାଣ, ତଣ୍ଡାହାର ବେଳାଭୂମି ଆଉ ନିଜ ହାତ ତିଆରି ଝାଉଁ ଜଙ୍ଗଲରେ କିଛି ସମୟ ବୁଲିଗଲେ ସେ ଭୁଲି ଯାଆନ୍ତି କାମର ଚାପ ଆଉ ଦିନଯାକର ପରିଶ୍ରମ। ପ୍ରକୃତି ପାଇଁ କିଛି କରିବାର ଆଶା ରଖି କିଛି ପିଲାଙ୍କୁ ସାଥିରେ ନେଇ ସେ ଗଠନ କରିଛନ୍ତି ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ସେଭ୍ କୋଷ୍ଟାଲ ଲାଇଫ୍'। ଏହି ଅନୁଷ୍ଠାନ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ସାଙ୍ଗକୁ ବେଳାଭୂମି ସଫେଇ, କଇଁଛଙ୍କ ସୁରକ୍ଷା, ପୁରୀ-କୋଣାର୍କ ରାସ୍ତାରେ ବୁଲା ଗାଈଗୋରୁଙ୍କ ସୁରକ୍ଷା ଆଦି ବିଭିନ୍ନ ପ୍ରକାର ସେବାରେ ବ୍ରତୀ ରହିଛି। ସେଭ୍ କୋଷ୍ଟାଲ ଲାଇଫ୍‌ର ହାତ ଧରି ଆଗେଇ ନେଉଥିବା ଏମିତି ଜଣେ ଯୁବ ସ୍ୱେଚ୍ଛାସେବୀ ହେଉଛନ୍ତି ସରୋଜ କୁମାର ଜେନା।

**ହେମନ୍ତ ନାୟକ**, ପୁରୀ




## 'ସବୁଜ ଭିକ୍ଷା' ଅଭିଯାନ

ଯୁବ ସ୍ୱେଚ୍ଛାସେବୀ ସରୋଜ ବର୍ତ୍ତମାନ ସୁଦ୍ଧା ୪୦ ହଜାରରୁ ଅଧିକ ଗଛ ଲଗାଇଲେଣି। ବିଶେଷକରି କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟର ସୁରକ୍ଷା ହୋଇପାରିବ ସେ ଦିଗରେ ସେ ସଦା ଚେଷ୍ଟିତ। ୨୦୧୯ ମେ ମାସରେ ବାତ୍ୟା ଫନୀ ପୁରୀ ଜିଲ୍ଲାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା। ଉଜୁଡ଼ି ଯାଇଥିଲା ବାଲୁଖଣ୍ଡର ସବୁଜିମା। ଛାର୍‌ଖାର ହୋଇଯାଇଥିଲା ଏହି ମନୁଷ୍ୟକୃତ ଜଙ୍ଗଲ। ଏହାକୁ ନେଇ ବ୍ୟଥିତ ହୋଇପଡ଼ିଥିଲେ ଅନେକ ପରିବେଶବିତ୍। ସେମାନଙ୍କ ଭିତରେ ଜଣେ ଥିଲେ ଯୁବ ପରିବେଶବିତ୍ ସରୋଜ। କିପରି ବାଲୁଖଣ୍ଡ ତା'ର ସବୁଜିମା ଫେରିପାଇବ ସେ ଦିଗରେ ସରକାରୀ ଏବଂ ବେସରକାରୀସ୍ତରରେ ହୋଇଥିଲା ଉଦ୍ୟମ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ବାଲୁଖଣ୍ଡରେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ସରୋଜ ଏଥିପାଇଁ ଆରମ୍ଭ କରିଥିଲେ 'ସବୁଜ ଭିକ୍ଷା'। ନିଜେ ବିଭିନ୍ନ ସ୍ଥାନ ବୁଲି ବୁଲି ସଂଗ୍ରହ କରିଥିଲେ ୧୦ ହଜାର ତାଳ ମଞ୍ଜି। ଏହାକୁ ଆଣି ବାଙ୍ଗର ବିଟ୍‌ଠାରୁ କୁଶଭଦ୍ରା ନଦୀ ପର୍ଯ୍ୟନ୍ତ ରୋପଣ କରିଥିଲେ। ସେଥିମଧ୍ୟରୁ ବଞ୍ଚି ଯାଇଥିବା କିଛି ଚାରା ଏବେ ମଥା ଟେକି ଠିଆ ହେଲେଣି।

## ବର ମହୋତ୍ସବ

ଫନୀ ପରେ ପୁରୀ-କୋଣାର୍କ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ବଡ଼ ବଡ଼ ଗଛ ଧରାଶାୟୀ ହୋଇଥିଲା। ଖରାରେ ଯିବାବେଳେ ପଥଚାରୀଟିଏ ଚାହିଁଲେ ବି ସେମିତି ବଡ଼ ଗଛଟିଏ ନ ଥିଲା। ଏହାକୁ ନଜରରେ ରଖି ୨୦୨୦ ମସିହାରେ ସରୋଜଙ୍କର ନିଆରା ଉଦ୍ୟମ ଥିଲା 'ବର ମହୋତ୍ସବ'। ଉଦ୍ଦେଶ୍ୟ ଥିଲା ରାସ୍ତାର ଉଭୟ ପାର୍ଶ୍ୱରେ ବରଗଛ ଲଗାଇବା। ବାଙ୍ଗର ବିଟ୍‌ଠାରୁ କୁଶଭଦ୍ରା ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ୧୩୦ଟି ଲାଗିଥିଲା। ସେଥିମଧ୍ୟରୁ ୧୦ଟି ବଞ୍ଚିଛନ୍ତି।

## ଝାଉଁ ଜଙ୍ଗଲ ସୃଷ୍ଟି

ପରିବେଶ ସୁରକ୍ଷା ଦିଗରେ ତାଙ୍କର ସବୁଠୁ ଉଲ୍ଲେଖନୀୟ ହେଉଛି ତଣ୍ଡାହାରରେ ମୁଣ୍ଡ ଟେକିଥିବା ଛୋଟିଆ ଝାଉଁ ଜଙ୍ଗଲଟିଏ। ଜଳବାୟୁ ପରିବର୍ତ୍ତନ ପୀଡ଼ାରେ ପୀଡ଼ିତ ଅସ୍ତରଙ୍ଗ ବ୍ଲକ୍‌ର ତଣ୍ଡାହାର, ଛେନୁଅ, ଉଦୟକଣି, କଳମକଣିର ସୁରକ୍ଷା ପାଇଁ ସୃଷ୍ଟି କରିଛନ୍ତି ଏହି ଜଙ୍ଗଲ। ୨ ଏକରରୁ ଅଧିକ ଜାଗାରେ ଏବେ ପ୍ରାୟ ୩ ହଜାର ଝାଉଁଗଛ ପବନରେ ଖିଲି ଖିଲି ହସୁଛନ୍ତି। ଏଥିସହ ସେଠାକାର ଗ୍ରାମବାସୀଙ୍କୁ ସାମିଲ କରି ବିଭିନ୍ନ ବନ୍ଧ ବାଡ଼ରେ ପ୍ରାୟ ୧୦ ହଜାର ତାଳମଞ୍ଜି ଲଗାଇଛନ୍ତି। ୨୦୨୩ ବିଶ୍ୱ ପରିବେଶ ଦିବସରେ ତଣ୍ଡାହାର, ଉଦୟକଣି, କଳମକଣି, କଟକଣା ଓ ସିଂହାରପାଳର ଛାତ୍ରଛାତ୍ରୀଙ୍କୁ ଏକାଠି କରି ତଣ୍ଡାହାର ସମୁଦ୍ରକୂଳରେ ବୃକ୍ଷରୋପଣ କରିଥିଲେ। ୪୦ଟି ଖଜୁରି ଚାରାକୁ ପ୍ରାୟ ଦେଢ଼ ବର୍ଷ ଘରେ ରଖି ସେଦିନ ଲଗାଇଥିଲେ।

ଏତଦ୍‌ବ୍ୟତୀତ ତଣ୍ଡାହାର ନଦୀବନ୍ଧରେ କରଞ୍ଜ, ନିମ୍ବ ଗଛ ମଧ୍ୟ ଲଗାଇଥିଲେ ସରୋଜ। ଏଥିମଧ୍ୟରୁ ବହୁ ଚାରା ମରିଯାଇଥିବା ବେଳେ ଅଳ୍ପ କେତୋଟି ଏବେ ବଡ଼ ହେଲାଣି ବୋଲି ସେ କୁହନ୍ତି। ନିଜେ ଲଗାଇଥିବା ଚାରାଟିଏ ମରିଗଲେ ମନ କେତେ କଷ୍ଟ ହୁଏ ତାହା ଲଗାଇଥିବା ଲୋକଟି ହିଁ ଜାଣେ ବୋଲି କହିଛନ୍ତି ସରୋଜ।





## ୧୩ ବର୍ଷ ଧରି ପରିବେଶ ସୁରକ୍ଷା ପ୍ରତି ସମର୍ପିତ

ପୁରୀ ଜିଲ୍ଲା କଣାସ ବ୍ଲକ୍ ବସନ୍ତପୁର ଗ୍ରାମରେ ସରୋଜଙ୍କ ଜନ୍ମ। ସ୍କୁଲ ଜୀବନରୁ ତାଙ୍କ ଭିତରେ ସେବାର ପ୍ରବୃତ୍ତି ବାରି ହୋଇପଡିଥିଲା। ପରେ ଉଚ୍ଚଶିକ୍ଷା ପାଇଁ ସେ ପୁରୀ ଆସିଥିଲେ। ଏହିଠାରେ ଶିକ୍ଷା ଏବଂ ଚାକିରି ଜୀବନ ଆରମ୍ଭ କରିଥିଲେ। ତାଙ୍କ ଭିତରେ ଥିବା ସେବା ମନୋବୃତ୍ତି ପୁଣି ତାଙ୍କୁ ଅନ୍ୟମନସ୍କ କରିଥିଲା। ୨୦୧୩ ମସିହାରୁ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟକ୍ଷ ଭାବେ କାମ ଆରମ୍ଭ କରିଥିଲେ। ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଆରମ୍ଭ କରିଥିଲେ। ଧୀରେ ଧୀରେ କିଛି ପିଲାଙ୍କୁ ସାଥୀ କରି ସେଭ୍ କୋଷ୍ଟାଲ୍ ଲାଇଫ୍ ପ୍ରତିଷ୍ଠା କଲେ। ଦୀର୍ଘ ୧୩ ବର୍ଷ ହେବ ପରିବେଶ ସୁରକ୍ଷା ଦିଗରେ କାମ ଜାରି ରଖିଛନ୍ତି ସରୋଜ।

## ବାଣ୍ଟୁଛନ୍ତି ସଚେତନତା ବାର୍ତ୍ତା

ବୃକ୍ଷରୋପଣ ବ୍ୟତୀତ ପର୍ଯ୍ୟଟକମାନେ କିପରି ବାଲୁଖଣ୍ଡ ଅଭୟାରଣ୍ୟରେ ପ୍ଲାଷ୍ଟିକ୍ ଆବର୍ଜନା ନ ପକାଇବେ ସେଥିପାଇଁ ପୋଷ୍ଟର ଲଗାଇ ସେ ସଚେତନ କରିଥାନ୍ତି। ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଏବଂ ଅଣ୍ଡାଦାନକୁ ସହଜ କରିବା ପାଇଁ ବେଳାଭୂମି ସଫା କରିବା ସହ ଜନସଚେତନ କରିଥାନ୍ତି। ଅଭୟାରଣ୍ୟ ଭିତରେ ରାତିରେ ରହୁଥିବା ଗାଈଗୋରୁଙ୍କ ସୁରକ୍ଷା ପାଇଁ ସେମାନଙ୍କ ବେକରେ ରେଡିୟମ୍ ଟେପ ବାନ୍ଧିଥାନ୍ତି। ସେ କୁହନ୍ତି ଆମ ସମସ୍ତଙ୍କର ପ୍ରିୟ ମହାପ୍ରଭୁ ଶ୍ରୀଜଗନ୍ନାଥ ଦାରୁରେ ହିଁ ନିଜକୁ ଗଢ଼ିଛନ୍ତି। ଏ ପୃଥିବୀ ପାଇଁ ସବୁବେଳେ ଗଛ ଲୋଡ଼ା। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇ ଏହାର ଉପଯୁକ୍ତ ଯତ୍ନ ନେବା ଦରକାର, ଯାହା ଆଗାମୀ ପିଢ଼ି ପାଇଁ ଜରୁରି ବୋଲି କହିଛନ୍ତି ଯୁବ ପରିବେଶବିତ୍ ସରୋଜ। ■

**ସମଗ୍ର ପରିବେଶ ଆଜି ପ୍ରଦୂଷିତ । ବ୍ୟାପକ ଜଙ୍ଗଲ କ୍ଷୟ, ବୃକ୍ଷ ଛେଦନ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ । ବିକାଶ ତଥା ଉନ୍ନୟନମୂଳକ କାର୍ଯ୍ୟ ନାଁରେ ଚାଲିଛି ଗଛ କଟା । ସେହି ଅନୁପାତରେ ବ୍ୟାପକ ଚାରାରୋପଣ କରି ସବୁଜ ବୃକ୍ଷରାଜି ସୃଷ୍ଟି କରାଯାଉନାହିଁ । କେବଳ ପ୍ରଚାର ଓ ପ୍ରସାରରେ ସୀମିତ ରହିଛି ପରିବେଶର ସୁରକ୍ଷା । ଅବଶ୍ୟ ବହୁ ସମାଜସେବୀ, ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ନୂତନ ସବୁଜିମା ସୃଷ୍ଟି କରି ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶ ଗଢ଼ି ତୋଳିବାରେ ନେଇଛନ୍ତି ଅଗ୍ରଣୀ ଭୂମିକା । ଏହି ପରିବେଶ ପ୍ରେମୀମାନଙ୍କ ମଧ୍ୟରୁ ଏକ ପରିଚିତ ନାମ ଲିପ୍ତୀମୟୀ ମହାନ୍ତି । ଚାରା ଲଗାଇବାର ଉପକାରିତା ଓ ଗୁଣାତ୍ମକ ଦିଗ ସମ୍ପର୍କରେ ସେ ଲୋକଙ୍କୁ ବୁଝାଇବା ସହ ପରିବେଶର ସୁରକ୍ଷା ପାଇଁ ଅଭିଯାନ ଜାରି ରଖିଛନ୍ତି ।**

ଭକ୍ତି ଭୂଷଣ ମହାନ୍ତି, କଟକ

# ପରିବେଶ ସୁରକ୍ଷା ପାଇଁ ସମର୍ପିତା ଲିପ୍ତୀମୟୀ







## ବୃକ୍ଷରୋପଣ ପାଇଁ ଅଙ୍ଗୀକାରବଦ୍ଧ

କଟକ ଜିଲ୍ଲାର ଅଗ୍ରଣୀ ସେବା ସଂଗଠନ 'କଲ୍ୟାଣୀ ଚାରିଟେବୁଲ୍ ଟ୍ରଷ୍ଟ'ର ପ୍ରତିଷ୍ଠାତା ହେଉଛନ୍ତି ଲିପ୍ତୀମୟୀ ମହାନ୍ତି । ସେ ନିଜେ ଚାରା ରୋପଣ କରିବା ସହ ଲୋକଙ୍କୁ ଉପହାର ଦେଉଛନ୍ତି ଚାରା । ଚାରା ବଢ଼ିଲେ ଯେଉଁ ମହାଦ୍ରୁମ ହେବ, ତାହା କିଭଳି ପ୍ରକୃତିର ସନ୍ତୁଳନ ରକ୍ଷା କରିବା ଦିଗରେ ସହାୟକ ହୋଇପାରିବ ତାହା ପ୍ରାଞ୍ଜଳ ଭାବେ ସାଧାରଣ ଜନତାଙ୍କୁ ଅବଗତ କରାଉଛନ୍ତି । କେବଳ ସେତିକି ନୁହେଁ, ତୁଳସୀ, ଚନ୍ଦନ ସମେତ ଅନ୍ୟାନ୍ୟ ଆୟୁର୍ବେଦୀୟ ଚାରା ରୋପଣ କରି ସେ ଏହାର ଉପକାରିତା ସମ୍ପର୍କରେ ପ୍ରଚାର କରୁଛନ୍ତି । କଟକରୁ ପ୍ରଥମେ ଚାରା ରୋପଣ ଅଭିଯାନ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ସେ ଚାରା ଲଗାଉଥିବା ଦେଖିବାକୁ ମିଳୁଛି । ବିଶେଷ କରି କଟକର ପଞ୍ଚମୁଖୀ ହନୁମାନ ମନ୍ଦିର, ଧବଳେଶ୍ୱର, ଜଗତସିଂପୁରର ବାବା ଗୋରେଖନାଥ, ଝଙ୍କଡ଼ର ମା' ଶରଳାଙ୍କ ପୀଠ ସମେତ ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ଚାରା ଲଗାଇଛନ୍ତି । ବିଶେଷ କରି ରାସ୍ତାକଡ଼ରେ ଶ୍ୱେତ ଚନ୍ଦନ, ରକ୍ତ ଚନ୍ଦନ, ତୁଳସୀ, ଗୁଆ, ଆମ୍ବ, ଜାମୁ ଚାରା ଆଦି ରୋପଣ କରିବା ସହ ଏସବୁର ଯତ୍ନ ମଧ୍ୟ ନେଉଛନ୍ତି । ଚାରା କିଭଳି ବଞ୍ଚିବ ତା'ର ତଦାରଖ ଦାୟିତ୍ୱ ନିଜ ସଂଗଠନର କର୍ମକର୍ତ୍ତାମାନଙ୍କ ହସ୍ତରେ ନ୍ୟସ୍ତ କରିଛନ୍ତି ।

## ପରିବେଶ ସୁରକ୍ଷା ସହିତ ସମାଜସେବା



ଚାରା ଲଗାଇଥିବା ଅଞ୍ଚଳକୁ ସବୁଜ ସୁନ୍ଦର କରି ଗଢ଼ି ତୋଳିବା ତାଙ୍କର ମୁଖ୍ୟ ଲକ୍ଷ୍ୟ । ଅନିୟନ୍ତ୍ରିତ ତାପମାତ୍ରକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଚୁର ବୃକ୍ଷରୋପଣର ଆବଶ୍ୟକତା ରହିଛି । ଆଜିର ସମାଜ ତଥା ଯୁବ ପିଢ଼ି ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ଲିପ୍ତୀମୟୀ । ଏକାକୀ ବିଭିନ୍ନ ସ୍ଥାନରେ ଚାରା ରୋପଣ କରିବା ଭଳି ବିଶାଳ କାର୍ଯ୍ୟକ୍ରମ କରିବା ସମ୍ଭବ ନୁହେଁ ବୋଲି ଉପଲବ୍ଧି କରି ସେ କଲ୍ୟାଣୀ ଚାରିଟେବୁଲ୍ ଟ୍ରଷ୍ଟର ସହାୟତା ନେଇଛନ୍ତି । ଏହି ସଂଗଠନର ସମସ୍ତ ସଦସ୍ୟ ସଦସ୍ୟାଙ୍କ ସାହାଯ୍ୟ ଓ ସହଯୋଗ ଯୋଗୁଁ ସେ ଆଜି ଏଭଳି ମହତ କାର୍ଯ୍ୟ କରିବାକୁ ସମର୍ଥ ହୋଇଥିବା ଲିପ୍ତୀମୟୀ କହିଛନ୍ତି । ଏହାଛଡ଼ା ଅସହାୟ ବୃଦ୍ଧବୃଦ୍ଧାଙ୍କ ଆଶ୍ରୟ ବ୍ୟବସ୍ଥା, ରାସ୍ତାକଡ଼ରେ ବୁଲୁଥିବା ଗାଈଗୋରୁମାନଙ୍କ ଦ୍ୱାରା ଘଟୁଥିବା ସଡ଼କ ଦୁର୍ଘଟଣାକୁ ଆଖି ଆଗରେ ରଖି ଗାଈଗୋରୁଙ୍କ ସୁରକ୍ଷା ପାଇଁ ରେଡିୟମ୍ ବେଲ୍ଟ ଲଗାଇବା ବ୍ୟବସ୍ଥା, ଅନୁନ୍ନତ ଅଞ୍ଚଳରେ ଶିକ୍ଷାର ବିକାଶ, ଝିଅମାନଙ୍କର ମାସିକ ଧର୍ମକୁ ନେଇ ସଚେତନତା କାର୍ଯ୍ୟକ୍ରମ ସହ ସାନିଟାରୀ ବଣ୍ଟନ ଏବଂ ରକ୍ତଦାନ ଭଳି ମହତ କାର୍ଯ୍ୟକ୍ରମର ଆୟୋଜନ କରାଇବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି ଲିପ୍ତୀମୟୀ ତାଙ୍କର କଲ୍ୟାଣୀ ଚାରିଟେବୁଲ୍ ଟ୍ରଷ୍ଟକୁ ନେଇ ।



## ମନ୍ଦିର ଓ ମଠରେ ଗଛ ଲଗାଇବାକୁ ଲକ୍ଷ୍ୟ

ଆଗକୁ ବିଶାଳକାୟ ଆକାରରେ ପ୍ରତ୍ୟେକ ମନ୍ଦିର ଓ ମଠମାନଙ୍କରେ ଗଛ ଲଗାଇବୁ । ସାଧାରଣତଃ ଗଛ ଲଗାଇବା ପରେ ଅଧିକାଂଶ ଏହାର ସଠିକ୍ ଯତ୍ନ ନେଉନଥିବାରୁ ଗଛ ମରିଯାଏ । ତେଣୁ ଗଛ ଲଗାଇ ସଠିକ୍ ଭାବେ ଦେଖାଶୁଣା କରିବାକୁ

ଓଡ଼ିଶାର ପ୍ରତ୍ୟେକ ମନ୍ଦିର ଓ ମଠରେ ଦାୟିତ୍ୱ ଦିଆଯିବ । କେବଳ ସେତିକି ନୁହେଁ, ପ୍ରତ୍ୟେକ ଶୈବପୀଠରେ ଚନ୍ଦନ ଗଛ, ରୁଦ୍ରାକ୍ଷ ଗଛ ଓ ଫଳ ଗଛ ଲଗାଇବାକୁ ଯୋଜନା ରଖିଛୁ । ତେଣୁ ଆଜିର ଯୁବପିଢ଼ି ପରିବେଶକୁ ସୁରକ୍ଷା ଦେବାକୁ ଆଗକୁ ଆସନ୍ତୁ । ପ୍ରତ୍ୟେକ ବ୍ୟକ୍ତି ଗୋଟେ ଗୋଟେ ଗଛ ଲଗାଇବା ନିହାତି ଆବଶ୍ୟକ । ଆଗକୁ ସରକାରଙ୍କ ସହ ଆଲୋଚନା କରି କିଛି ଜମିକୁ ଲିଜ୍ ନେଇ କୃତ୍ରିମ ଜଙ୍ଗଲ କିପରି ହେବ ଧ୍ୟାନ ଦେବୁ ବୋଲି ଲିପ୍ତୀମୟୀ କହିଛନ୍ତି ।

# ‘ଗ୍ରୀନ୍ ମ୍ୟାନ୍ ଅଫ୍ ଓଡ଼ିଶା’ ସୁଧୀର



# ସିଡ୍ ବଲ୍ ଫିଙ୍ଗାରୁ ଘଞ୍ଚ ଜଙ୍ଗଲ ସୃଷ୍ଟି

**କ୍ଷୀରସିନ୍ଧୁ ମହାନ୍ତି**, ବ୍ରହ୍ମପୁର

ସିଡ୍ ବଲ୍ ଫିଙ୍ଗାରୁ ସୃଷ୍ଟି ହେଲା ଘଞ୍ଚ ଜଙ୍ଗଲ । ଲଣ୍ଡା ପାହାଡ଼ ହେଲା ସବୁଜ ଜଙ୍ଗଲ । ଏ କଥା ଶୁଣିଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ । ଅସମ୍ଭବ ଭଳି ଲାଗୁଥିବା କଥାଟି କେମିତି ସମ୍ଭବ ହେଲା । ଏ ପ୍ରଶ୍ନ ଆମ ମନରେ ବି ଉଙ୍କି ମାରେ । ଏଣୁ ଆମେ ପହଞ୍ଚିଥିଲୁ ସେହି ସ୍ଥାନରେ, ଯେଉଁଠି ଲଣ୍ଡା ପାହାଡ଼ ସବୁଜ ବନାନୀରେ ପରିପୂର୍ଣ୍ଣ ହୋଇଛି । ଘଟଣା ସ୍ଥଳକୁ ଯିବା ପରେ ଜାଣିବାକୁ ପାଇଲୁ ଏ ରୂପାନ୍ତରଣ ଜଣେ ବ୍ୟକ୍ତିଙ୍କ ପାଇଁ ସମ୍ଭବ ହୋଇଛି । ସେ ହେଉଛନ୍ତି ‘ଗ୍ରୀନ ମ୍ୟାନ୍ ଅଫ୍ ଓଡ଼ିଶା’ ଭାବେ ପରିଚିତ ସୁଧୀର କୁମାର ରାଉତ । ଯିଏକି ସବୁଜ ମଣିଷ ଭାବେ ଅଞ୍ଚଳରେ ପରିଚିତ । ନିଜର କର୍ମମୟ ଜୀବନ ଶିକ୍ଷାଦାନରେ ବିତେଇଥିଲେ ମଧ୍ୟ ପରିବେଶ ସୁରକ୍ଷା ଓ ସବୁଜ ଦିଗ୍‌ବଳୟ ସୃଷ୍ଟି କରିବା ତାଙ୍କ ଲକ୍ଷ୍ୟ । ଏଣୁ ବୟସର ସାୟାହ୍ନରେ ପହଞ୍ଚିଥିଲେ ମଧ୍ୟ ସବୁକୁ ଖାତିର ନ କରି ଚଢ଼ି ଯାଆନ୍ତି ପାହାଡ଼ ଓ ପର୍ବତ । ରୋପଣ କରନ୍ତି ଚାରା । କରି ଚାଲନ୍ତି ପରିବେଶ ସୁରକ୍ଷା ପାଇଁ ସଚେତନତା । ଏମିତିରେ ମାଟି ଓ ଚାରା ମଞ୍ଜି ମିଶ୍ରିତ ତିଆରି ବଲ୍ ଫିଙ୍ଗି ଫିଙ୍ଗି ପାହାଡ଼କୁ ଜଙ୍ଗଲରେ ପରିଣତ କରିଛନ୍ତି ସେ ।



## ଲଣ୍ଡା ପାହାଡ଼ରେ ସବୁଜ ବନାନୀ

ପ୍ରକୃତିପ୍ରେମୀ ସୁଧୀର କୁମାର ରାଉତ । ଦିନେ ତାଙ୍କ ଆଖି ଆଗରେ ଲଣ୍ଡା ପାହାଡ଼ ମୁଣ୍ଡ ଟେକି ଉଠିଥିଲା । ଦେହ ସହିଲାନି । ଦୁଃଖରେ ହୃଦୟ ଜଳିଲା । ଆଖିରେ ଆଖିଏ ଲୁହ । ମନରେ ଅସରାଏ କୋହ । ପ୍ରତିଦିନ ଲଣ୍ଡା ପାହାଡ଼ର ଚିନ୍ତା ମନକୁ ଏତେ ବିଭ୍ରାନ୍ତ କଲା ଯେ, ପ୍ରକୃତିକୁ ଭଲ ପାଉଥିବା ଦରଦୀ ମଣିଷ ସୁଧୀର ନିଜକୁ ଅଟକାଇ ପାରିଲେନି । ତେଣୁ ୨୦୦୭ ମସିହାରୁ ଗଛ ଲଗାଇବା ଅଭିଯାନ ଆରମ୍ଭ କରିଥିଲେ । ନିଜ ଗାଁ ଚିକିଟି ବ୍ଲକ୍ ମାନ୍ଧବନ୍ଧ ଗ୍ରାମରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ବ୍ରହ୍ମପୁର ସହ ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟ ପର୍ଯ୍ୟନ୍ତ ଲମ୍ବି ଚାଲିଲା । ପ୍ରଥମେ ସେ ତାଙ୍କ ଗାଁରେ ତିନିଶହ ଚାରା ଲଗାଇଲେ । ପରେ ଚିକିଟି ପୀତାତଳି ରାସ୍ତାରେ ମଧ୍ୟ ରୋପଣ କଲେ । ଏହି ଅଭିଯାନ ଜାରି ରହିଥିବା ବେଳେ ଜଙ୍ଗଲ ସୃଷ୍ଟି କରିବା ଲକ୍ଷ୍ୟ ନେଇ ୨୦୧୬ ମସିହାରେ ପାହାଡ଼ରେ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ରୋପଣ ପରେ ଏ ଗୁଡ଼ିକର ଯତ୍ନ ନେଉଥିଲେ । ପ୍ରଥମେ ସେ ରାମଚନ୍ଦ୍ରପଲ୍ଲୀର ଲଣ୍ଡା ପାହାଡ଼ଠାରେ ଗଛ ଲଗାଇଥିଲେ । ଏହାରି ଭିତରେ ପୀତାତଳି ଓ ମାନ୍ଧବନ୍ଧ ଗ୍ରାମରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ଦ୍ୱିତୀୟାର୍ଦ୍ଧରେ ଟାମଣା ଟିକଟରେ ୫ ହଜାର ଚାରାରୋପଣ କରି ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିଛନ୍ତି ।

## ୨୦ ପାହାଡ଼ରେ ବୃକ୍ଷରୋପଣ

ପରିବେଶପ୍ରେମୀ ସୁଧୀର ରାଉତଙ୍କ ଜଙ୍ଗଲ ସୃଷ୍ଟି ଅଭିଯାନ ନେଇ ଚାରିଆଡ଼େ ଖବର ପ୍ରସାରିତ ହେବାରେ ଲାଗିଛି । ସୁଧୀରଙ୍କ ସଂପର୍କରେ ଖବର ପାଇ ୨୦୧୯ ମସିହାରେ ଅମରକଣ୍ଟକ ଅଞ୍ଚଳର ଏକ ଗ୍ରୁପ ତାଙ୍କ ନିକଟକୁ ଏକ ମେସିନ୍ ପଠାଇଲେ । ଯାହାର ନାଁ ହେଉଛି ‘ସିଡ୍ ଗୋଲ୍ ମେସିନ୍’ । ଏହି ମେସିନ୍ ସାହାଯ୍ୟରେ ମାଟି ଓ ଚାରା ମଞ୍ଜି ଗୋଲ୍ ସଦୃଶ ହେଉଛି । ପରେ ବର୍ଷା ଋତୁରେ ପାହାଡ଼ ଓ ଜଙ୍ଗଲଗୁଡ଼ିକରେ ଏହି ସିଡ୍ ବଲ୍ ଫୋପାଡ଼ିବା ଦ୍ୱାରା ଗଛ ସୃଷ୍ଟି ହେବା ସହ କୃତ୍ରିମ ଜଙ୍ଗଲ ତିଆରି ହୋଇପାରୁଛି । ପରେ ଶ୍ରୀ ରାଉତଙ୍କ ଦ୍ୱାରା ୨୦୧୯ ମସିହାରେ ପାହାଡ଼ ଅଭିଯାନ ଆରମ୍ଭ ହୋଇଥିଲା । ପ୍ରତିବର୍ଷ ଜୁନ୍ ମାସ ପହିଲାରୁ ଅଗଷ୍ଟ ୧୫ ତାରିଖ ମଧ୍ୟରେ ସେ ପାହାଡ଼କୁ ପାହାଡ଼ ଚଢ଼ି ବିଭିନ୍ନ ଜଙ୍ଗଲରେ ସିଡ୍ ବଲ୍ ଫିଙ୍ଗିଥାନ୍ତି । ଏହା ଏକ ମିଶନ୍ ଭାବେ ସେ ଗ୍ରହଣ କରିଛନ୍ତି । ଗଛ ଲଗାଇବା ଅବା ବଲ୍ ଫୋପାଡ଼ିବା ପୂର୍ବରୁ ପାହାଡ଼ରେ ପ୍ରଥମେ ଗବେଷଣା କରିଥାନ୍ତି । କେଉଁ ଜାତୀୟ ଗଛ ସେଠାରେ ବଢ଼ିବାରେ ପ୍ରତିବନ୍ଧକ ହେବନି । ଏହାକୁ ଗୁରୁତ୍ୱ ଦେଇ ସେହି କିସମର ଗଛ ଲଗାଯାଏ ବୋଲି ଶ୍ରୀ ସାହୁ କହିଛନ୍ତି । ସମ୍ପ୍ରତି ସେ ରାମଚନ୍ଦ୍ରପଲ୍ଲୀ, ବାଳକୁମାରୀ, ପୋଡ଼ାପଦର, ଭାଲୁଡ଼ିମିରା, ମହୁରୀକାଲୁଆ, ଭୁଆସୁଣୀ, ଖଲ୍ଲିକୋଟ ଘାଟି ଆଦି ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ ପାହାଡ଼ରେ ସିଡ୍ ବଲ୍ ମାଧ୍ୟମରେ ଗଛ ଲଗାଇବାରେ ସକ୍ଷମ ହୋଇଛନ୍ତି । ଏଗୁଡ଼ିକ ଲଣ୍ଡା ପାହାଡ଼ରୁ ସବୁଜ ବଳୟରେ ପରିଣତ ମଧ୍ୟ ହୋଇଛି । ଏଠାରେ ସେ ଆମ୍ବ, ପଣସ, ବାଉଁଶ, ବାଦାମ, ନିମ, ଜାମୁ ଆଦି ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରିଛନ୍ତି । ଅନେକ ପାହାଡ଼ରେ ଏଗୁଡ଼ିକ ବଡ଼ ବୃକ୍ଷରେ ମଧ୍ୟ ପରିଗଣିତ ହୋଇଥିବା ଦେଖିବାକୁ ମିଳିଛି ।




## ଲଗାଇଛନ୍ତି ୧୫ ଲକ୍ଷ ଗଛ

ବିଭିନ୍ନ ପାହାଡ଼ରେ ସୁଧୀର ବୃକ୍ଷରୋପଣ କରିଛନ୍ତି । ସେ ଗୁଡ଼ିକର ତଦାରଖ ପାଇଁ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍‌ର ପ୍ରାୟ ୩୦ ଜଣ କର୍ମକର୍ତ୍ତା ତାଙ୍କୁ ସହଯୋଗ କରୁଛନ୍ତି । ଏଥି ସହିତ ନିକଟସ୍ଥ ଲୋକଙ୍କୁ ଉକ୍ତ ସ୍ଥାନରେ ଜଙ୍ଗଲ ସୁରକ୍ଷାର ଦାୟିତ୍ୱ ଦିଆଯାଉଛି । ତେବେ ଜଳ ସଂରକ୍ଷଣ, ପରିବେଶ ପ୍ରଦୂଷଣ ସୁରକ୍ଷା, ଏକକ ପ୍ଲାଷ୍ଟିକ୍ ବ୍ୟବହାର ବର୍ଜନ ଓ ପରିବେଶ ସୁରକ୍ଷା ଲକ୍ଷ୍ୟ ନେଇ ସମାଜିକ ସେବା ବ୍ରତୀ ଥିବା ଶ୍ରୀ ରାଉତ ତାଙ୍କ ଜୀବନ କାଳ ମଧ୍ୟରେ ୨୦ଟି ପାହାଡ଼ରେ ୧୫ଲକ୍ଷରୁ ଅଧିକ ଗଛ ଲଗାଇବାରେ ସକ୍ଷମ ହୋଇଛନ୍ତି । ସେହିଭଳି ୧୦ ଲକ୍ଷ ମଞ୍ଜି ଗୋଳା ଫିଙ୍ଗି ଜଙ୍ଗଲ ସୃଷ୍ଟି କରିବାରେ ଏକ ବଳିଷ୍ଠ ମାଧ୍ୟମ ସାଜିଛନ୍ତି । ୨ଟି ଗ୍ରାମ୍ୟ ଜଙ୍ଗଲରେ ୧୫ ହଜାର ଚାରା ରୋପଣ ସହ ବିଭିନ୍ନ ସ୍ଥାନରେ ୧ ଲକ୍ଷରୁ ଅଧିକ ବୃକ୍ଷରୋପଣ କରି ଜିଲ୍ଲାରେ ଏକ ଅନନ୍ୟ ଚେହେରା ଭାବେ ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି ସୁଧୀର କୁମାର ରାଉତ । ସେ ପିଲାଦିନରୁ ରୋଗାଗ୍ରସ୍ତ ହୋଇଥିଲେ ହେଁ ପରିବେଶ ଓ ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନ ମାନବ ସମାଜ ଲାଗି ନୂତନ ଦିଗଦର୍ଶନ ଦେଇଛି । ବାସ୍ତବରେ କହିବାକୁ ଗଲେ ସେ ଗଢ଼ିଥିବା ‘ଆର୍ଯ୍ୟଭଟ୍ଟ’ ଅନୁଷ୍ଠାନ ମେଡିକାଲ୍ ଓ ଇଞ୍ଜିନିୟରିଂ ଶିକ୍ଷା ସମେତ ପରିବେଶ ସୁରକ୍ଷା ଦିଗରେ ଏକ ମାଇଲଖୁଣ୍ଟ ହୋଇଛି ।



# ସବୁଜ ବନାନୀର ରକ୍ଷକ

ଅଭିଳାଷ ହୋତା , ବଲାଙ୍ଗିର

## ଜଙ୍ଗଲ ମଣିଷ ସମାରୁ ମେଶ୍ରା




ଗୋଟିଏ ହାତରେ କୁରାଢ଼ି ଆଉ ଏକ ହାତରେ ଏକ ଛୋଟ ବ୍ୟାଗ। ମୁଣ୍ଡରେ ଧଳା ଚୁଟି। ଏ ଚେହେରା ବଲାଙ୍ଗିର ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନସ୍ଥଳ ଗାଇଖାଇକୁ ଆସୁଥିବା ସମସ୍ତ ପର୍ଯ୍ୟଟକଙ୍କ ପାଇଁ ଏକ ଚିହ୍ନା ବ୍ୟକ୍ତି। ଏ ହେଉଛନ୍ତି ଆଗଲପୁର ବ୍ଲକ୍ ଦାନିପାଲି ଗାଁର ସମାରୁ ମେଶ୍ରା । ବୟସ ୮୦ ବର୍ଷ। ଭୋଜି କରିବାକୁ ଆସୁଥିବା ସମସ୍ତଙ୍କୁ ଭେଟି ଜଙ୍ଗଲ ସୁରକ୍ଷା କମିଟି ପାଇଁ ସହାୟତା ରାଶି ସଂଗ୍ରହ କରିଥାନ୍ତି। କିନ୍ତୁ ଏହା ବାଦ୍ ସେ ଜଣେ ନିସ୍ୱାର୍ଥପର ଜଙ୍ଗଲପ୍ରେମୀ। ସମାରୁ ଗତ ଦୁଇ ଦଶନ୍ଧି ହେଲା ଗାଇଖାଇ ଜଙ୍ଗଲ ସୁରକ୍ଷା କରିଆସୁଛନ୍ତି। ସକାଳୁ ଘରରୁ ଆସିବା ପରେ ସଂଧ୍ୟା ପର୍ଯ୍ୟନ୍ତ ସେ ଜଙ୍ଗଲ ଭିତରେ ପାଦରେ ଚାଲି ଚାଲି ବୁଲଥାନ୍ତି। ତାଙ୍କ କହିବା ଅନୁସାରେ ଗାଁ ନିକଟରେ ଘଞ୍ଚ ଜଙ୍ଗଲ ରହିଥିବାରୁ ସେଠାରେ ଥିବା ବନ୍ୟଜନ୍ତୁ ସୁରକ୍ଷା ପାଇଁ ଯୁବାବସ୍ଥାରେ ଜଙ୍ଗଲରେ ଅନ୍ୟମାନଙ୍କ ସହ ସମୟ କାଟୁଥିଲେ। କିନ୍ତୁ ଧୀରେ ଧୀରେ ଅନ୍ୟମାନେ ନିଜ କାମରେ ବ୍ୟସ୍ତ ରହିବା ପରେ ସେ ଏକା ଏକା ଦିନ ସାରା ଜଙ୍ଗଲରେ ବୁଲିବାକୁ ବସିଲେ। ସକାଳ ହେଲେ ନିଜ ବ୍ୟାଗ ଓ କୁରାଢ଼ି ଧରି ଜଙ୍ଗଲ ଭିତରକୁ ପ୍ରବେଶ କରିଥାନ୍ତି। ଯିଏ ଦେଖିଲେ ସିଏ ଭାବିବ ଯେ ସମାରୁ ଗଛ କାଟିବାକୁ ଜଙ୍ଗଲକୁ ଯାଉଛନ୍ତି। କିନ୍ତୁ ସମାରୁଙ୍କୁ ଯିଏ ଚିହ୍ନିଛି, ସେ ହିଁ ଜାଣିଛି ବୃଦ୍ଧ ଜଣକ ଗଛକୁ କେତେ ଭଲ ପାଆନ୍ତି। ସକାଳୁ ବାହାରିଲେ ସଂଧ୍ୟା ପର୍ଯ୍ୟନ୍ତ ଜଙ୍ଗଲ ଭିତରେ ବୁଲି ପୁଣି ଘରକୁ ଫେରନ୍ତି। ଏହା ଏମିତି ଏକ ଅଭ୍ୟାସରେ ପରିଣତ ହୋଇଛି ଯେ, ସେ ଜଙ୍ଗଲ ଭିତରକୁ ନଗଲେ ସେ ରାତିରେ ଶୋଇପାରନ୍ତି ନାହିଁ। ଜଙ୍ଗଲ ଭିତରେ କିଛି ବେଆଇନ କାମ ଦେଖିଲେ ତାକୁ ତାଗିଦ କରିବା, ଜଙ୍ଗଲରେ ହାତୀ ପଶିଲେ ଲୋକଙ୍କୁ ସଚେତନ କରାଇଥାନ୍ତି ସମାରୁ। ଏହା ସହ ଭୋଜି କରିବାକୁ ଆସୁଥିବା ଲୋକଙ୍କୁ ସଫାସୁତୁରା ରଖିବା ପାଇଁ ସଚେତନ କରାଇଥାନ୍ତି ସମାରୁ। ତାଙ୍କର ଏଭଳି କାର୍ଯ୍ୟ ଦେଖି ବନ ବିଭାଗ ତରଫରୁ ହେଉଥିବା ବନୀକରଣ କାମରେ ତାଙ୍କୁ ନିୟୋଜିତ କରାଯାଇଥିଲା। ତାହା ବନ୍ଦ ହୋଇଯିବା ପରେ ଗାଇଖାଇ ଜଙ୍ଗଲ ସୁରକ୍ଷା କମିଟି ସାଲେଭଟା ପକ୍ଷରୁ ତାଙ୍କୁ ଜଙ୍ଗଲରେ ବୁଲିବା ଓ ଜଗିବା କାମରେ ନିୟୋଜିତ କରାଯାଇଛି।



## ଦୁଇ ଦଶନ୍ଧି ଧରି ଜଙ୍ଗଲ ସୁରକ୍ଷାରେ ସମର୍ପିତ

ପୂର୍ବରୁ ସମାର ମେଶ୍ରା ଅନେକ ରାତି ଏହି ଜଙ୍ଗଲରେ ବିତାଇଛନ୍ତି। ତେବେ କିଛି ବର୍ଷ ହେଲା ଜଙ୍ଗଲ ଭିତରେ ଶିକାରୀ ଭୟ, କାଠ ମାଫିଆଙ୍କ ଦାଦାଗିରି ଯୋଗୁଁ ରାତିରେ ଜଙ୍ଗଲ ଭିତରେ ରହୁ ନଥିବା କହିଛନ୍ତି। ସେ ଅନେକ ଥର କାଠ ମାଫିଆମାନଙ୍କୁ ଗଛ ଚୋରି କରିବାକୁ ନେଇ ବାରଣ କରିଛନ୍ତି। ଜଙ୍ଗଲ ଭିତରେ ହେଉଥିବା ଅନୈତିକ କାମକୁ ପ୍ରତିବାଦ କରିଛନ୍ତି। ଏଥିପାଇଁ ସେ ଧମକ ମଧ୍ୟ ପାଇଛନ୍ତି। ତାଙ୍କ ପାଖରେ କୌଣସି ସୁରକ୍ଷା କିମ୍ବା ସେ ସରକାରୀ ସ୍ୱୀକୃତି ପାଇନଥିବାରୁ ତାଙ୍କ ଦ୍ୱାରା ଯାହା କିଛି ହୁଏ ସେ କରନ୍ତି ବୋଲି କହିଛନ୍ତି। ମାସିକ ସାଢ଼େ ତିନି ହଜାର ଟଙ୍କାର ସ୍ୱଳ୍ପ ପାରିଶ୍ରମିକ ପାଉଥିବା ବେଳେ ତାହା ପରିବାରକୁ ଦେଇଥାନ୍ତି। ପୁଅଝିଅ ଉଭୟ ବାହା ହୋଇସାରିଥିବା ବେଳେ ଜଙ୍ଗଲ ହିଁ ତାଙ୍କ ଜୀବନ ବୋଲି ସେ କହନ୍ତି। ତେବେ ତାଙ୍କୁ ବନ ବିଭାଗରୁ କୌଣସି ସହାୟତା ପ୍ରଦାନ ସହ କିଛି ପାରିଶ୍ରମିକ ପ୍ରଦାନ କଲେ ବୟସର ଅପରାହ୍ଣରେ ତାଙ୍କ ପାଇଁ ଏକ ବଡ଼ ପୁରସ୍କାର ହେବ ବୋଲି ସମାରୁ କହିଛନ୍ତି। ନିସ୍ୱାର୍ଥପର ଭାବେ ଦୁଇ ଦଶନ୍ଧି ଧରି ଜଙ୍ଗଲ ଜଗି ଆସୁଥିବା ସମାରୁ ନିହାତି ଭାବେ ସମାଜ ପାଇଁ ଏକ ବଡ଼ ଉଦାହରଣ ।


ଜନସଂଖ୍ୟା ଅନୁସାରେ ଯେତେବେଳେ ଆବଶ୍ୟକତା ହାର ବଢ଼େ, ଏହା ପ୍ରକୃତି ସନ୍ତୁଳନ ପ୍ରତି ବିପଦ ସୃଷ୍ଟି କରେ। ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼େ। ବର୍ତ୍ତମାନ ସମୟରେ ଅହେତୁକ ଭାବରେ ଉତ୍ତାପ ବୃଦ୍ଧି ପାଇବା, ଛଅଟି ଋତୁରୁ ମାତ୍ର ତିନୋଟି ଋତୁ ଅନୁଭୂତ ହେବା ଏହାର ଜ୍ୱଳନ୍ତ ଉଦାହରଣ ଅଟେ। ମାତ୍ରାଧିକ ଗଛ କଟା ଏବଂ ଜଙ୍ଗଲ ନଷ୍ଟ ଯୋଗୁଁ ପୃଥିବୀପୃଷ୍ଠର ତାପମାତ୍ରା ବଢ଼ିବାରେ ଲାଗିଛି। ବର୍ତ୍ତମାନ ଏହାକୁ ନିୟନ୍ତ୍ରଣ କରିବା ମାନବ ସମାଜ ପାଇଁ ଆହ୍ୱାନ ପାଲଟିଛି। ଏଭଳି ସମୟରେ ଏମିତି କିଛି ସବୁଜ ରକ୍ଷକ ଅଛନ୍ତି, ଯେଉଁମାନେ ପ୍ରଚାର ପ୍ରସାରଠାରୁ ଦୂରେଇ ରହି ମାନବ କର୍ତ୍ତବ୍ୟ ସାଧନ କରିବାରେ ଲାଗି ପଡ଼ିଛନ୍ତି। ବଲାଙ୍ଗିର ଜିଲ୍ଲାରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରତି ସମର୍ପିତ କେତେ ଜଣ ପରିବେଶ ପ୍ରେମୀଙ୍କୁ ନେଇ ଏଇ ଉପସ୍ଥାପନା।

## ବୃକ୍ଷ ସାଥୀ ସାଜିଛନ୍ତି ଝାରବୁଲୁ



ନାମ ତାଙ୍କର ଝାରବୁଲୁ। ଅର୍ଥାତ୍ ଯିଏ ଜଙ୍ଗଲରେ ବେଶି ବୁଲାବୁଲି କରେ। ତାଙ୍କର ନାମ ଯେମିତି, ଚରିତ୍ର ବି ସେମିତି। କେବଳ ଜଙ୍ଗଲ ବୁଲିବା ନୁହେଁ, ବରଂ ଗଛଗୁଡ଼ିକର ଯତ୍ନ ନେବା ତାଙ୍କର ନିଶା। ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ୍ ଅନ୍ତର୍ଗତ କୁରୁଲ ଗ୍ରାମର ଝାରବୁଲୁଙ୍କ କାହାଣୀ ଏମିତି। ବୟସ ତାଙ୍କର ୬୦ରୁ ଊର୍ଦ୍ଧ୍ୱ ହେବ। ପ୍ରକୃତି, ପରିବେଶ ପ୍ରତି ରହିଥିବା ନିଃସ୍ୱାର୍ଥପର ପ୍ରେମ ତାଙ୍କୁ ଭୋର୍ ସକାଳୁ ଉଠାଇ ଦିଏ। ସକାଳୁ ସକାଳୁ ଚଲାବୁଲା କରିବା ସହିତ ଗଛଗୁଡ଼ିକର ଯତ୍ନ ନିଅନ୍ତି। ବିଶେଷ କରି ନୂଆ କରି ରୋପଣ କରାଯାଇଥିବା ବୃକ୍ଷଗୁଡ଼ିକର ଯତ୍ନ ନେଇ ତାକୁ ବଢ଼ାଇବାକୁ ଝାରବୁଲୁଙ୍କ ଭିତରେ ଏକ ଦାୟିତ୍ୱବୋଧତା ଦେଖିବାକୁ ମିଳେ । ଏହି କାମ ପାଇଁ ସେ କାହାଠୁ ପାରିଶ୍ରମିକ ନିଅନ୍ତି ନାହିଁ। ଏପରିକି ଏଥିପାଇଁ ସେ କୌଣସି ସ୍ଥାନରୁ ପୁରସ୍କାର କି ସମ୍ବର୍ଦ୍ଧନା ପାଇଁ ନାହାନ୍ତି। ଏହା କେବଳ ପ୍ରକୃତି ଓ ସମାଜ ପ୍ରତି ଥିବା ତାଙ୍କର ଦାୟିତ୍ୱବୋଧତା। ■





# ପ୍ରକୃତିପ୍ରେମୀ ମନୋଜ

# ଭାରତୀୟ ସେନାରୁ ପରିବେଶ ଯୋଦ୍ଧା

**ଯେଉଁଠି ଖାଲି ସ୍ଥାନ ଦେଖିଲେ ସେ ଗଛଟିଏ ଲଗାଇଥାନ୍ତି । ବନ ବିଭାଗରୁ ଚାରା ଆଣି ବୃକ୍ଷଟିଏ ଲଗାଇବା ତାଙ୍କ କାମ । ଏହା ସହ ସେଇ ବୃକ୍ଷର ଯତ୍ନ ନେବାକୁ ମଧ୍ୟ ପଛାଇନଥାନ୍ତି । ଦିନଚର୍ଯ୍ୟା ଭିତରେ ବୃକ୍ଷ ସେବାକୁ ଏକ କର୍ମ ବୋଲି ଭାବିଥାନ୍ତି । ଏମିତିକା କେଉଁ ଦିନଟିଏ ନାହିଁ ସେ ବୃକ୍ଷ ସେବା କରିନାହାନ୍ତି । ଏପରି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ମନୋଜ କୁମାର ଦାଶ ।**

**ରଶ୍ମିରଞ୍ଜନ ମିଶ୍ର**, ଗଜପତି

## ବାପାମା’ ପ୍ରେରଣାଦାତା

ପାରଳାଖେମୁଣ୍ଡି ସହରର ମନୋଜ କୁମା ଦାଶ ଜଣେ ପରିବେଶପ୍ରେମୀ ଭାବେ ପରିଚିତ। ତାଙ୍କ ପିତା ଭାରତୀୟ ସେନାରେ କାର୍ଯ୍ୟରତ ଥିଲେ। ତେଣୁ ପିଲାଟି ଦିନରୁ ସେ ପରିବାର ଲୋକଙ୍କ ସହିତ ଭାରତୀୟ ସେନାର ବିଭିନ୍ନ ସ୍ଥାନରେ କ୍ୱାର୍ଟରରେ ରହି ଆସିଥିଲେ। ସେହି ସମୟରୁ ଭାରତୀୟ ସେନା ପ୍ରତି ପ୍ରଭାବିତ ହୋଇ ବଡ଼ ହୋଇ ସେନାରେ ଯୋଗ ଦେବା ନିମନ୍ତେ ମନସ୍ଥ କରିଥିଲେ। ୧୯୯୫ ମସିହାରେ ତାଙ୍କର ସେଇ ସ୍ୱପ୍ନ ବାସ୍ତବତାରେ ପରିଣତ ହୋଇଥିଲା। ପିଲାଦିନରୁ ପିତାମାତାଙ୍କ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ କାମ କରିବା ସହିତ ସମାଜସେବା ପ୍ରତି ପ୍ରେରଣା ଲାଭ କରିଥିଲେ। ନିଜ ପିତାମାତା ବୃକ୍ଷରୋପଣ କରିବା ସମୟରେ ସେତେବେଳେ ଛୋଟ ଥିବା ମନୋଜଙ୍କୁ ମଧ୍ୟ ଏହି କାମରେ ନିୟୋଜିତ କରି ଏହାର ଉପକାରିତା ବିଷୟରେ କହୁଥିଲେ। ମାଆଙ୍କଠାରୁ ବୃକ୍ଷର ଉପକାରିତା ବିଷୟରେ ଅନେକ କାହାଣୀ ମଧ୍ୟ ଶୁଣିଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ ସେନାରେ ସାମିଲ ହେବା ପରେ ଟ୍ରେନିଂ ସମୟଠାରୁ ସାମରିକ ଶିକ୍ଷା ସହ ବୃକ୍ଷରୋପଣ ଓ ତାହାର ରକ୍ଷଣାବେକ୍ଷଣ କାମରେ ସେ ଲାଗି ରହୁଥିଲେ। ସେନାରେ କାର୍ଯ୍ୟରତ ସମୟରେ ପଞ୍ଜାବ, ମହାରାଷ୍ଟ୍ର, ରାଜସ୍ଥାନ, ଆସାମ, ଜମ୍ମୁ- କାଶ୍ମୀର, ଲଦାଖ ଆଦି ଅନେକ ସ୍ଥାନରେ ୨ରୁ ୩ ବର୍ଷ ରହିବା ଭିତରେ କିଛି ବୃକ୍ଷରୋପଣ କରୁଥିଲେ ବୋଲି ସେ କହିଛନ୍ତି। ଗଛଗୁଡ଼ିକକୁ ଦେଖି ନିଜ ପରିବାରର ସଦସ୍ୟ ପରି ସେ ଅନୁଭବ କରନ୍ତି। ସେଠାରୁ ଅନ୍ୟ ସ୍ଥାନକୁ ବଦଳି ହୋଇଯିବା ବେଳେ ନିଜ ପରିବାରକୁ ଛାଡ଼ି ଯିବା ଭଳି ବହୁତ ଦୁଃଖ ଅନୁଭବ କରୁଥିଲେ। ମନରେ ଥିଲା ସେନାବାହିନୀରୁ ଅବସର ନେବା ପରେ ପରିବେଶ ସୁରକ୍ଷା ସହ ସମାଜ ଓ ମାତୃଭୂମିର ବିଭିନ୍ନ ସେବାକାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ।

## ଲଗାଇଛନ୍ତି ୫ ହଜାର ଗଛ

୨୪ ବର୍ଷ ସେନାରେ କାର୍ଯ୍ୟରତ ରହିବା ପରେ ଜୁଲାଇ ୨୦୧୯ ମସିହାରେ ସେନାରୁ ଅବସର ନେବା ପରଠାରୁ ଅନବରତ ଗଛ ଲଗାଇ ଚାଲିଛନ୍ତି । ଏଥିରେ ତାଙ୍କ ପରିବା ସଦସ୍ୟଙ୍କ ସହିତ ସମାଜର କିଛି ସ୍ୱେଚ୍ଛାସେବୀ ସହଯୋଗ ଓ ପ୍ରୋତ୍ସାହନ ମଧ୍ୟ ମିଳୁଛି । ବୃକ୍ଷ ରୋପଣ, ତାହାର ଯତ୍ନ, ରକ୍ଷଣାବେକ୍ଷଣ ଓ ସୁରକ୍ଷା ବିଷୟ ହେଉ ବା ପରିବେଶ ସୁରକ୍ଷା ବିଷୟ ହେଉ ନିଜେ କରିବା ସହ ଜନସାଧାରଣଙ୍କୁ ଏଥିରେ ସେ ସାମିଲ କରୁଛନ୍ତି । ବର୍ତ୍ତମାନ ସମାଜରେ ପରିବେଶର ସୁରକ୍ଷା ବିଷୟରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଏଥି ନିମନ୍ତେ ସମସ୍ତଙ୍କୁ ଚେଷ୍ଟା କରିବାକୁ ପଡ଼ିବ । ନିଜର ସ୍ୱାର୍ଥ ଛାଡ଼ି କିଛି ସମୟ ପରିବେଶ, ସମାଜ ଓ ମାତୃଭୂମିର ସେବା ନିମନ୍ତେ ଦେବାକୁ ପଡ଼ିବ । ସମାଜରେ କୌଣସି ପରିବର୍ତ୍ତନ କେବଳ ଜନସାଧାରଣଙ୍କ ସଚେତନତା ଓ ଚେଷ୍ଟା ଦ୍ୱାରା ହିଁ ସମ୍ଭବ ହୋଇ ଥାଏ । ମାତୃଭୂମିର ସୁରକ୍ଷା କରିବାକୁ ହେଲେ ବୃକ୍ଷରୋପଣ କରିବା ଏକାନ୍ତ ଜରୁରି ବୋଲି ସେ କହିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ସେ ୫ ହଜାରରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିଛନ୍ତି ।





ପ୍ରକୃତିପ୍ରେମୀ ମନୋଜ

## ସିଡ୍ ବଲ୍ ଜରିଆରେ ଚାରାରୋପଣ

ପାହାଡ଼ିଆ ଅଞ୍ଚଳରେ ହଜାର ହଜାର ସଂଖ୍ୟକ ସିଡ୍‌ବଲ୍ ଜରିଆରେ ବୃକ୍ଷରୋପଣ କରିଛନ୍ତି । ବଟ, ଓସ୍ତ, ନିମ୍ବ, କରଞ୍ଜ, ଅର୍ଜ୍ଜୁନ, ଜାମୁକୋଳି, ଆମ୍ବ, ପଣସ ଆଦି ବିଭିନ୍ନ ଗଛ ସେ ଲଗାଛନ୍ତି । ଏହି ଗଛ ଦ୍ୱାରା ଅମ୍ଳଜାନ ପ୍ରସ୍ତୁତ ହେବା ସହ ଏଗୁଡ଼ିକର ଫଳ ପକ୍ଷୀମାନଙ୍କ ଜୀବନ ନିର୍ବାହ କରିବାରେ ସହାୟକ ହୋଇଥାଏ ବୋଲି ସେ କହନ୍ତି । ସେହିପରି ପ୍ରାଥମିକ ଶିକ୍ଷାରେ ବୃକ୍ଷରୋପଣ ବିଷୟରେ ଉପସ୍ଥାପନ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷରୋପଣରେ ସାମିଲ କରିବାର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ମନୋଜ କୁମାର ଦାଶ କହନ୍ତି । ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୧ ମସିହାରେ ‘ପ୍ରକୃତି ବନ୍ଧୁ’ ପୁରସ୍କାର ଏବଂ ୨୦୨୩ ମସିହାରେ ଦୈନିକ ‘ସକାଳ’ ବ୍ରହ୍ମପୁର ସଂସ୍କରଣ ତରଫରୁ ସେ ସମ୍ମାନିତ ହୋଇଛନ୍ତି । ■









# ନିଷ୍ଠାପର ପରିବେଶ କର୍ମୀ କୃଷ୍ଣକାନ୍ତ



ଶିବ ନାରାୟଣ ଗଉଡ଼, ରାୟଗଡ଼ା



ଆଜିର ଆଧୁନିକ ଯୁଗରେ ବିକାଶ ନାମରେ ଯେଭଳି ଧାରାବାହିକ ଭାବେ ପ୍ରକୃତି ଉପରେ ଅତ୍ୟାଚାର କରାଯାଉଛି, ତାହା ସମସ୍ତଙ୍କ ପାଇଁ ଭବିଷ୍ୟତରେ ଘାତକ ସାଜିପାରେ । ବୃକ୍ଷ ବିନା ବାୟୁ ଜଳ ବିନା ଜୀବନ ନାହିଁ ଏ କଥା ସମସ୍ତେ ଜାଣନ୍ତି । ତଥାପି ଆଜିର ବ୍ୟସ୍ତବହୁଳ ମଣିଷ ସମାଜ ପ୍ରକୃତିକୁ ଅଣଦେଖା କରିଚାଲିଛି । ଜଙ୍ଗଲ ହ୍ରାସ ପାଇବରେ ଲାଗିଛି, ନଦୀ ଶୁଖୁଛି, ମାଟି ବିଷାକ୍ତ ଓ ପବନ ଦୂଷିତ ହେବାରେ ଲାଗିଛି । ପ୍ରକୃତିର ବନ୍ଧୁ ହେବା ମାନେ କେବଳ ପରିବେଶ ସୁରକ୍ଷା ନୁହେଁ, ଏହା ହେଉଛି ଆତ୍ମାର ଶୁଦ୍ଧି, ମନର ଶାନ୍ତି ଓ ଜୀବନର ଶାନ୍ତି ପାଇଁ ଉଦ୍ଦିଷ୍ଟ । ଆଉ ଏହି ଉକ୍ତିକୁ ପାଳନ କରିବାକୁ ଯାଇ ସମାଜରେ ଅନେକ ପ୍ରକୃତି ବନ୍ଧୁ ପରିବେଶ ସୁରକ୍ଷା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରୁଛନ୍ତି । ବୃକ୍ଷରୋପଣ କରି ତାହାର ଯତ୍ନ ନେବାରେ ତିଳେମାତ୍ରେ ପଛଘୁଞ୍ଚା ଦେଉନାହାନ୍ତି । ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଦିଗରେ ନିଷ୍ଠାପର ଭାବରେ କାର୍ଯ୍ୟରତ ରାୟଗଡ଼ାର ପ୍ରକୃତି ବନ୍ଧୁ କୃଷ୍ଣକାନ୍ତ ଜେନା ।

## 'ଗ୍ରୀନ୍ ରାୟଗଡ଼ା' ମାଧ୍ୟମରେ ସବୁଜ ବନାନୀ ସୃଷ୍ଟି

ପ୍ରକୃତି ସହ ବନ୍ଧୁତ୍ୱ କରିବାର ଅର୍ଥ ହେଉଛି ଗଛ ଲଗାଇବା, ପ୍ଲାଷ୍ଟିକ ବ୍ୟବହାର କମ କରିବା, ଜଳ ସଂରକ୍ଷଣ କରିବା ଓ ପ୍ରାଣୀପକ୍ଷୀମାନଙ୍କ ପ୍ରତି ଦୟାଶୀଳ ହୋଇ ସମାଜ ପ୍ରତି ଏକ ଦାୟିତ୍ୱ ଓ ଏକ ଶ୍ରେଷ୍ଠ ପ୍ରକୃତି ସହବନ୍ଧୁତ୍ୱର ଚିହ୍ନକୁ ଉଦାହରଣରୂପେ ପ୍ରତିପାଦିତ କରିବା । ଦୀର୍ଘ ବର୍ଷ ତଳେ ଦକ୍ଷିଣ ଓଡ଼ିଶାର ମାଳଭୂମି ରାୟଗଡ଼ା ଏକ ଘଞ୍ଚଜଙ୍ଗଲ ପାହାଡ଼ିଆ ଅଞ୍ଚଳ ଭାବେ ପରିଚିତ ଥିଲା । ସମୟାନୁକ୍ରମେ ଏବେ ଏଠାରେ ଗଢ଼ି ଉଠିଛି ଅନେକ ବଡ଼ ବଡ଼ ଶିକ୍ଷାନୁଷ୍ଠାନ । ଦଶନ୍ଧି ଦଶନ୍ଧି ଧରି ଏଠାରେ ଏବେ ବିକାଶ ଆଗକୁ ବଢୁଛି । ୧୯୯୨ ମସିହାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅନ୍ୟତମ ଜିଲ୍ଲା ଭାବେ ଗଠନ ହୋଇଥିଲା ରାୟଗଡ଼ା । ଜିଲ୍ଲା ସଦର ମହକୁମାରେ ଧୀରେ ଧୀରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ହୋଟେଲ, ଆପାର୍ଟମେଣ୍ଟ ନିର୍ମାଣ ବଢ଼ିବାରେ ଲାଗିଲା । ଜନସଂଖ୍ୟା ବୃଦ୍ଧି ଓ ଶିକ୍ଷାନୁଷ୍ଠାନଗୁଡ଼ିକ ଯୋଗୁଁ ଯାନବାହନର ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଲା । ଯାହାର ସ୍ୱରୂପ ଏଠାକାର ପରିବେଶ ଧୀରେ ଧୀରେ ଦୂଷିତ ହେବାରେ ଲାଗିଲା । ସୁସ୍ଥ ପରିବେଶ ନିର୍ମାଣ ଦିଗରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ସ୍ୱେଚ୍ଛାସେବୀମାନେ ମଧ୍ୟ ଆଗକୁ ପାଦ କାଢ଼ି ସଚେତନତାର ବାର୍ତ୍ତା ବାଣ୍ଟିଲେ । ଏହି ପରିବେଶ ସୁରକ୍ଷା ଦିଗରେ ଗୁଣ୍ଡୁଚି ମୂଷା ଭଳି କାମ କରି ବର୍ତ୍ତମାନ ରାୟଗଡ଼ା ସହରରେ ଏକ ହଜାରରୁ ଅଧିକ ଗଛକୁ ଯତ୍ନ ନେଇ ଏକ ସବୁଜ ବନାନୀ ରାୟଗଡ଼ା ସହରର ନିର୍ମାଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି 'ଗ୍ରୀନ ରାୟଗଡ଼ା' । ଏହି ଗ୍ରୀନ ରାୟଗଡ଼ାର ଲକ୍ଷ୍ୟ ଓ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବାରେ ସୈନ୍ୟ ସାଜିଛନ୍ତି ରାୟଗଡ଼ାର ଜଣେ ଜଣାଶୁଣା ପ୍ରକୃତି ବନ୍ଧୁ କୃଷ୍ଣକାନ୍ତ ଜେନା ।

## ପରିବେଶ ପାଇଁ ସଚେତନତା ବାର୍ତ୍ତା

ପରିବେଶ ସୁରକ୍ଷା ପାଇଁ ରାୟଗଡ଼ାର କିଛି ଲୋକଙ୍କୁ ନେଇ 'ଗ୍ରୀନ ରାୟଗଡ଼ା' ନାମକ ସଂସ୍ଥା ଗଠନ କରିଛନ୍ତି କୃଷ୍ଣକାନ୍ତ ଜେନା । ଦୀର୍ଘ ୧୮ ବର୍ଷ ଧରି ଏହି ସଂସ୍ଥା ପକ୍ଷରୁ ସହରର ବିଭିନ୍ନ ୱାର୍ଡର ସାହିଗଳିରେ ହଜାର ହଜାର ବୃକ୍ଷରୋପଣ କରାଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହରେ ମଧ୍ୟ ପାଣି ଟାଙ୍କି ମାଧ୍ୟମରେ ରାୟଗଡ଼ାରେ ରୋପଣ କରାଯାଇଥିବା ଗଛଗୁଡିକରେ ପାଣି ଦେବାରେ ଶ୍ରୀ ଜେନା ସବୁବେଳେ ତତ୍ପରତା ଦେଖାଇ ଆସୁଛନ୍ତି । 'ଗ୍ରୀନ୍ ରାୟଗଡ଼ା'ର ସଭ୍ୟମାନେ ନିଜ ନିଜ ଜନ୍ମ ଦିନରେ ଗଛ ଲଗାଯାଉଥିବା ସେ କହିଛନ୍ତି । କେନ୍ଦ୍ର ସରକାରଙ୍କ 'ଏକ ପେଡ୍ ମାଁ କେ ନାମ' କାର୍ଯ୍ୟକ୍ରମକୁ ନେଇ ଗ୍ରୀନ୍ ରାୟଗଡ଼ା ଆହୁରି ବହୁ ସଂଖ୍ୟାରେ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଛନ୍ତି । ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରତି ନିଷ୍ଠାପର ଭାବରେ କାର୍ଯ୍ୟ କରୁଥିବାରୁ ତାଙ୍କୁ ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି । ବିଭିନ୍ନ ସ୍କୁଲରେ ଛାତ୍ରଛାତ୍ରୀମାନଙ୍କୁ ଗଛ ଲଗାଇବା ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରାଯାଉଛି । ବିଭିନ୍ନ ସମୟରେ ସ୍କୁଲରେ ପ୍ରକୃତି ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏଥିସହ ରାୟଗଡ଼ାର ବଜାରରେ ଗ୍ରାହକ ଏବଂ ବ୍ୟବସାୟୀଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରାଯାଉଛି । ଏପରିକି ସେମାନଙ୍କୁ କନା ବ୍ୟାଗ ବିତରଣ କରାଯାଉଛି । ପରିବେଶ ସୁରକ୍ଷା ଦିଗରେ କୃଷ୍ଣକାନ୍ତଙ୍କ ନିଷ୍ଠାପର ଉଦ୍ୟମ ସାଂପ୍ରତିକ ସମାଜ ପାଇଁ ଏକ ପ୍ରେରଣାର ଉତ୍ସ ହୋଇପାରିବ ।



# ଗଛ ମଣିଷ ସୁବାସ

ଜୟକୃଷ୍ଣ ସେଠ, ସୁନ୍ଦରଗଡ଼

**ସେ ପ୍ରକୃତି ପ୍ରେମରେ ବନ୍ଧା । ଗଛ ସହ ତାଙ୍କର କଟୁଛି ଜୀବନ । ମନରେ ନା କିଛି ପାଇବାର ଆଶା ଅଛି, ନା ଅଛି ହରାଇବାର ଦୁଃଖ । ଗଛ ବଞ୍ଚିଲେ ଜୀବଜଗତ ବଞ୍ଚିବ ଓ ପରିବେଶ ସୁସ୍ଥ ରହିବ । ଏହି ଉକ୍ତିକୁ ସବୁକିଛି ମାନି ନେଇ ସେ ନିଜ ଅଞ୍ଚଳରେ ହଜାର ହଜାର ଗଛ ଲଗାଇ 'ଗଛ ମଣିଷ' ଭାବେ ପରିଚୟ ସୃଷ୍ଟି କରିଛନ୍ତି । ସେ ନିଜେ କେବଳ ଗଛ ଲଗାଉଛନ୍ତି ତାହା ନୁହେଁ, ଯୁବଗୋଷ୍ଠୀଙ୍କୁ ଏକାଠି କରି ସେ ସବୁଜିମା ଭରା ଜଙ୍ଗଲ ସୃଷ୍ଟି କରୁଛନ୍ତି । ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବାର ଅଦ୍ୟମ ଆଗ୍ରହ ରଖୁଥିବା ଏମିତି ଜଣେ ପ୍ରକୃତିପ୍ରେମୀ ହେଉଛନ୍ତି ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ତିନିକୁଡ଼ା ଗ୍ରାମର ସୁବାସ କୁମାର ସା । ବୃକ୍ଷରୋପଣକୁ ସେ ଜୀବନର ବ୍ରତ ଭାବରେ ଗ୍ରହଣ କରି ନେଇଛନ୍ତି ।**

ଜଙ୍ଗଲ ସମ୍ପଦ ହେଉଛି ଏକ ବହୁମୂଲ୍ୟ ପ୍ରାକୃତିକ ସମ୍ବଳ । ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା, ସଂସ୍କୃତି, ସାମାଜିକ ଚେତନାର ମେରୁଦଣ୍ଡ ଏହି ଜଙ୍ଗଲ ସମ୍ପଦ ଆଜି ଧ୍ୱଂସାଭିମୁଖୀ । ବ୍ୟାପକ ଜନସଂଖ୍ୟା ବୃଦ୍ଧି, ଦ୍ରୁତ ଶିଳ୍ପାୟନ, ସହରୀକରଣ, ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦି କାରଣ ଯୋଗୁଁ ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି । ଏହାଛଡ଼ା ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ମଣିଷ ରୀତିମତ ଗଛ କାଟି ଦେଉଛି । ଏହାଫଳରେ ଦିନକୁ ଦିନ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି । ତେଣୁ ଏହାକୁ ରୋକିବା ପାଇଁ ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ତିନିକୁଡ଼ା ଗାଁ'ର ସୁବାସ କୁମାର ସା ବୃକ୍ଷରୋପଣରେ ନିଜକୁ ସମର୍ପିତ କରି ଦେଇଛନ୍ତି । ବର୍ତ୍ତମାନ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ତାଙ୍କର ଏହି ଗଛ ଲଗାଇବା ମନୋବୃତ୍ତି ପାଇଁ ସେ 'ପ୍ରକୃତି ପ୍ରେମୀ ସୁବାସ' ଭାବେ ପରିଚିତ ।

## ବାପାଙ୍କଠାରୁ ପାଇଥିଲେ ପ୍ରେରଣା

ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ତିନିକୁଡ଼ା ବନ ସୁରକ୍ଷା ସମିତିର ସକ୍ରିୟ ସଦସ୍ୟ ହେଉଛନ୍ତି ସୁବାସ । ୩୮ ବର୍ଷ ବୟସ୍କ ସୁବାସ ନବମ ଶ୍ରେଣୀ ପଢ଼ିବା ପରେ ତାଙ୍କ ପାଠ ପଢ଼ାରେ ଡୋରି ବନ୍ଧା ହୋଇଥିଲା । ୧୯୮୫-୮୬ ମସିହାରେ ତିନିକୁଡ଼ା ଗ୍ରାମବାସୀ ଜଙ୍ଗଲ ସୁରକ୍ଷା ନିମନ୍ତେ ସଂଘବଦ୍ଧ ହୋଇ ବନ ସୁରକ୍ଷା ସମିତି ଗଠନ କରିଥିଲେ ।

ସୁବାସଙ୍କ ବାପା ଗଜାଧର ସା ଏଥିରେ ନେତୃତ୍ୱ ନେଇ ଜଙ୍ଗଲ ସୁରକ୍ଷା ସଙ୍ଗେ ସଙ୍ଗେ ନିଜେ ବୃକ୍ଷରୋପଣ କରିବା ନିମନ୍ତେ ସଚେତନ କରୁଥିଲେ । ବାପାଙ୍କର ଏହି ଉଦ୍ୟମରୁ ପ୍ରେରଣା ପାଇ ପିଲାଟି ଦିନରୁ ସୁବାସ ମଧ୍ୟ ବୃକ୍ଷରୋପଣ କରିବା ଆରମ୍ଭ କରିଦେଇଥିଲେ । ଗଛ ଲଗାଇବା ତାଙ୍କ ଜୀବନର ମୂଳମନ୍ତ୍ର ବୋଲି କୁହନ୍ତି ସୁବାସ । ତାଙ୍କର ଗଛ ଲଗାଇବାର ଦୃଶ୍ୟ ଦେଖିଲେ ସମସ୍ତଙ୍କୁ ଆନନ୍ଦ ଲାଗିଥାଏ ।

## ବ୍ୟକ୍ତିଗତ ଉଦ୍ୟମରେ ବୃକ୍ଷରୋପଣ

ସରକାରୀ ପ୍ରୋତ୍ସାହନ ବିନା ସେ ନିଜ ଉଦ୍ୟମରେ ନିଜସ୍ୱ ୨ ଏକର ରୟତି ଜମିରେ ଶାଳ, ବୀଜା, ମହୁଲ, ଚାର ଇତ୍ୟାଦି ଏକ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଇ ଏକ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି । ଘର ଆଖ ପାଖ ଜମିରେ ଅନ୍ୟାନ୍ୟ ଗଛ ଲଗାନ୍ତି । ତେବେ ଯେତିକି ଟଙ୍କା ସେ ରୋଜଗାର କରନ୍ତି, ସେଥିରୁ ଅଧାରୁ ଅଧିକ ପଇସା ସେ ଗଛ ଲଗାଇବାରେ ହିଁ ଖର୍ଚ୍ଚ କରନ୍ତି । ପରିବାରର ଶିଶୁଟିକୁ ଯତ୍ନ କରିବା ଭଳି ନିଜେ ସୃଷ୍ଟି କରିଥିବା ଜଙ୍ଗଲରେ ଗଛର ରକ୍ଷଣାବେକ୍ଷଣ କରୁଥିବା ବେଳେ ନିଜକୁ ସେ ଭୁଲିଯାଆନ୍ତି । ସୁବାସ କୁହନ୍ତି, ଖରା, ବର୍ଷା, ଶୀତ, କାକର ସହି ଅନ୍ୟକୁ ସୁଖ ଦିଏ ଗଛ । ତେଣୁ ଗଛଟିଏ ଲଗାଇ ତା' ମୂଳରେ ପାଣି ଦେବା କି ଘାସ ବାଛି ଦେବା ଭଳି ସାମାନ୍ୟ କର୍ତ୍ତବ୍ୟ ସମ୍ପାଦନା କରିପାରିଲେ, ଏହା ପରିବେଶକୁ ସୁରକ୍ଷିତ ରଖିବା ସହ ଆମ ଜୀବନ ଶୈଳୀକୁ ସହଜ ଓ ସୁଗମ କରିଥାଏ । ସେଥିପାଇଁ ତ ଗଛକୁ ବୃକ୍ଷ ଦେବତାର ଆସନ ଦିଆଯାଇ । ଗଛକୁ ଦେବତା ଭାବେ ଆଜି ବି ପୂଜା କରାଯାଉଛି । ଗଛ ଲଗାଇଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ । ତେଣୁ ଏହି ବାର୍ତ୍ତା ନେଇ ଲୋକଙ୍କୁ ଗଛ ଲଗାଇବା ପାଇଁ ସଚେତନ କରିଥାଏ ବୋଲି ସେ କୁହନ୍ତି । ସୁବାସଙ୍କର ଆଉ ଏକ ଭଲ ଗୁଣ ହେଉଛି, ସେ ଯେଉଁସ୍ଥାନକୁ ବି ଯାଆନ୍ତି ସେଠାରେ ବୃକ୍ଷ ରୋପଣ କରିବାର ବାର୍ତ୍ତା ବାଣ୍ଟନ୍ତି । ତେବେ ପରିବେଶ ସୁରକ୍ଷା ପାଇଁ ସମର୍ପଣ ମନୋଭାବ ଲାଗି ସେ ଅନେକ ସ୍ଥାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି ।

ଗଛ ଲଗାଇବାରେ ଉଦାହରଣ ସୃଷ୍ଟି କରିଥିବା ସୁବାସଙ୍କ ଜୀବନ ଶୈଳୀ, ବେଶଭୂଷା ଅତି ସରଳ । ଏହି ନିଆରା ମଣିଷଙ୍କ ପେସା ହେଲା ଚାଷ କରିବା ଓ ମଜୁରି ଲାଗିବା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ଓ ଜଙ୍ଗଲ ବିଭାଗ ଦ୍ୱାରା ଆୟୋଜନ କରାଯାଉଥିବା ସଚେତନତାମୂଳକ ସଭା, ସମିତି, ତାଲିମ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଆଗାମୀ ଦିନରେ ଜଙ୍ଗଲ ସୁରକ୍ଷା ପାଇଁ ଆଗ୍ରହ ସୃଷ୍ଟି କରୁଛି ବୋଲି ମତ ପ୍ରକାଶ କରନ୍ତି ସୁବାସ । ସେବକ ଓ ଆମ୍ଭ ଗ୍ରାମର ବନସୁରକ୍ଷା ସମିତିରୁ ପ୍ରେରଣା ପାଇ ଅନ୍ୟ ଅଞ୍ଚଳରେ ମଧ୍ୟ ଗଛ ମଣିଷ ସୃଷ୍ଟି ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଏହାସହିତ ସୁବାସ କୁହନ୍ତି, ରାସ୍ତା, କୋଠା, ତିଆରି କରିବାକୁ ଜଙ୍ଗଲ ନଷ୍ଟ କରାଯାଉଛି । ଶହ ଶହ ଗଛ କାଟି ଦିଆଯାଉଛି । ଫଳରେ ପରିବେଶ ସନ୍ତୁଳନ ହରାଉଛି । ତେଣୁ ଗଛ କାଟିବା ମଣିଷ ମାରିବାଠାରୁ ବି ଜଘନ୍ୟ । ଏଥିପ୍ରତି ଆଜିର ଯୁବପିଢ଼ି ସଚେତନ ହୋଇ ଗଛ ଲଗାଇବା ଆବଶ୍ୟକ ବୋଲି ସୁବାସ ମତପ୍ରକାଶ କରିଛନ୍ତି । ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ମନ୍ତ୍ରୀ କୃଷ୍ଣଚନ୍ଦ୍ରଙ୍କ ବଂଶୀବାଦନ

ଖ୍ରୀଷ୍ଟାବ୍ଦ ୫୪ରୁ ୬୮ ପର୍ଯ୍ୟନ୍ତ ରୋମ୍‌ରେ ଜଣେ ଶାସକ ଥିଲେ ଲୁସିୟସ ଡ଼ୋମିଟିୟସ ଆହେନୋବାରବସ୍ । ଅନ୍ୟକୁ ଯନ୍ତ୍ରଣା ଦେଇ ଆନନ୍ଦ ଅନୁଭବ କରୁଥିବା 'ସ୍ୟାଡ଼ିଷ୍ଟ' ଓ ନିଷ୍ଠୁର ବ୍ୟକ୍ତି ଭାବରେ ତାଙ୍କର କୁଖ୍ୟାତି ଥିଲା ଓ ରାଜା ନୀରୋ ନାମରେ ସେ ପରିଚିତ ଥିଲେ । ତାଙ୍କ ଅତ୍ୟାଚାରୀ ଶାସନରେ ଅତିଷ୍ଠ ରୋମବାସୀ ବିଦ୍ରୋହ କରି ତାଙ୍କୁ ଗାଦିଚ୍ୟୁତ କରିବା ପରେ ସେ ଆତ୍ମହତ୍ୟା କରିଥିଲେ । ରୋମ୍ ନଗରୀ ଯେତେବେଳେ ଜଳୁଥିଲା, ସେତେବେଳେ ନୀରୋ ଆନନ୍ଦରେ ବୀଣା ବାଦନ କରୁଥିଲେ ବୋଲି କଥିତ ଅଛି । ଏବେ ମୋହନ ରାଜ୍ୟରେ ଆଳୁମନ୍ତ୍ରୀ ଭାବରେ କୁଖ୍ୟାତ କୃଷ୍ଣଚନ୍ଦ୍ରଙ୍କ ବେବାକ୍ ମତମନ୍ତବ୍ୟ ପରେ ଅନେକ ତାଙ୍କୁ ରୋମ ସାମ୍ରାଜ୍ୟର ଶାସକ ନୀରୋଙ୍କ ସହ ତୁଳନା କରୁଥିବା ଦେଖାଯାଉଛି । ଗଲା ଅଢ଼େଇ ଦଶନ୍ଧିରେ ଯାହା ଦେଖିବାକୁ ମିଳି ନ ଥିଲା, କୃଷ୍ଣଚନ୍ଦ୍ରଙ୍କ ମନ୍ତ୍ରିତ୍ୱ ସମୟରେ ତାହା ଦେଖିବାକୁ ମିଳିଛି । ଗଲା ସନ ତିରୋଟ କାଳରେ ଆଳୁ କିଲୋ ଷାଠିଏ ଛୁଇଁଥିଲା, ଏସନ ବି ଆଳୁ କିଲୋ ଷାଠିଏ ଟପିବ ବୋଲି ବ୍ୟବସାୟୀମାନେ ଆଶଙ୍କା କଲେଣି । ଏପରି ସମୟରେ ରାଜ୍ୟର ଉପଭୋକ୍ତାଙ୍କୁ କିପରି ସୁରୁଖୁରୁରେ ଆଳୁ ଯୋଗାଣ ହୋଇ ପାରିବ ସେ ଦାୟିତ୍ୱ ନେବା ପରିବର୍ତ୍ତେ ପୂରା ବେଫିକର । 'ଟେନ୍‌ସନ୍‌କୁ ପେନ୍‌ସନ ଦେଇ ସାରିଛି' ବୋଲି ମନ୍ତ୍ରୀ ଟିପ୍ପଣୀ ଦେଇ ବୁମ୍‌ଧାରୀ ଗଣମାଧ୍ୟମ ପ୍ରତିନିଧି ବନ୍ଧୁମାନଙ୍କୁ କାବ୍‌ବା କରି ଦେଇଛନ୍ତି । ଯେଉଁଠି ରାଜ୍ୟସାରା ଲୋକ ଆଳୁ ପାଇଁ ଟେନ୍‌ସନରେ ଅଛନ୍ତି, ସେଠାରେ ଟେନ୍‌ସନ୍‌କୁ ପେନସନ ଦେଇ ଆଳୁମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ସରକାରଙ୍କୁ ଶୋଭା ପାଉଛି ତ? ଲୋକଙ୍କ ଆଳୁ ରୋଷ ପଦ୍ମ ସାମ୍ରାଜ୍ୟକୁ ଜାଳିବା ପରେ କ'ଣ ସରକାରଙ୍କ ନିଦ ଭାଙ୍ଗିବ? ■



## ଆପଣା ହସ୍ତେ ଜିହ୍ୱାଚ୍ଛେଦୀ

ଏକ ସମୟରେ ଛେନାଝିଲି ସାମ୍ରାଜ୍ୟ ଛତ୍ରପତି ତଥା ବର୍ତ୍ତମାନ ରାମମନ୍ଦିର ଆଖଡ଼ାର ମୁଖପାତ୍ର ଓରଫ ଭାଇନା ସମୀରଙ୍କ ରୁଦ୍ରରୂପ ନିମାପଡ଼ା ସୀମା ଡ଼େଇଁ ରାଜଧାନୀରେ ସୃଷ୍ଟି କରିଛି କମ୍ପନ । ଗଲା ଭୋଟ ପୂର୍ବରୁ ସମୀର ପଦ୍ମଶିବିରରେ ସାମିଲ ହୋଇଥିଲେ, ତାଙ୍କର ପ୍ରମୁଖ ଅବଦାନ ଯୋଗୁଁ ଛେନାଝିଲି ଅଞ୍ଚଳରେ ପ୍ରଥମଥର ପାଇଁ ପଦ୍ମ ଫୁଟିଥିଲା ବୋଲି କୁହାଗଲା । ଏଥିରେ ଆହ୍ଲାଦିତ ରାଜ୍ୟ ପଦ୍ମ ନେତୃତ୍ୱ ତାଙ୍କୁ ପୁରସ୍କାର ସ୍ୱରୂପ ଆଖଡ଼ାର ମୁଖପାତ୍ର ରୂପେ ନିଯୁକ୍ତ କଲେ । ମାତ୍ର ବର୍ଷଟିଏ ଯାଇ ନାହିଁ, ଏବେ କୁଆଡ଼େ ସମୀରଙ୍କ ମୋହଭଙ୍ଗ ଘଟିଥିବା ଶୁଣିବାକୁ ମିଳୁଛି । ଦୁଇ ବର୍ଷ ତଳେ ସେ ମନ୍ତ୍ରୀ ଥିବା ଶଙ୍ଖ ସରକାର ସମୟରେ ଯେଉଁ ସବୁ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା, ଏବେ ସେହି ପ୍ରକଳ୍ପଗୁଡ଼ିକ ଶେଷ କରି ଫଳକ ଅନାବରଣ ସମୟରେ ତାଙ୍କୁ ଆଉ କେହି ଲୋଡ଼ୁ ନାହାନ୍ତି ବୋଲି ତାଙ୍କ ମନରେ ଅଶେଷ କ୍ଷୋଭ । କଥା ଖାଲି ଏଇଠି ଅଟକି ନାହିଁ; ଗଲା ୧୫ ବର୍ଷ ଧରି ଏମ୍‌ପି, ଏମ୍‌ଏଲ୍‌ଏ ପାଣ୍ଠିରେ କାମ ସମୟରେ ପିସିର ନାଁ ଗନ୍ଧ ନ ଥିଲା । ହେଲେ ଏବେ ଯେଉଁ କାମ ହେଉଛି ସେଠାରେ ବିନା ପିସିରେ କୁଆଡ଼େ ବିଲ୍ ପାସ୍ ହେଉ ନାହିଁ କି ଫାଇଲ୍ ଘୁଞ୍ଚୁନାହିଁ ବୋଲି ଭାଇନା ଖୋଲାଖୋଲି କହିବା ଆରମ୍ଭ କଲେଣି । ସବୁ ପରିବାରରେ ମତାନ୍ତର ଓ ମନାନ୍ତର ଥାଏ, ତୃତୀୟ ପକ୍ଷକୁ ନ ଲୋଡ଼ି ଯାକୁ ଘର ଭିତରେ ସମାଧାନ କରାଯାଏ । ତୃତୀୟ ପକ୍ଷ ଯେଉଁଠି ପ୍ରବେଶ କରେ, ସେଠାରେ ଘର ନଷ୍ଟ ହୁଏ । ଦୁଇଦୁଇ ଥର ମନ୍ତ୍ରୀ ପଦ ପାଇଥିବା ସମୀରଙ୍କ ପରି ବୁଦ୍ଧିମାନ ରାଜନେତା ଯାକୁ ଭୁଲିଗଲେ କେମିତି ? ଅପାଙ୍କ ଅଭ୍ୟୁଦୟ ପରେ ଭାଇନା ସମୀରଙ୍କ ରାଜନୈତିକ ଭବିଷ୍ୟତ ସୁରକ୍ଷିତ ତ ? ସେଇଥିପାଇଁ କଥାରେ ଅଛି- ଆପଣା ହସ୍ତେ ଜିହ୍ୱାଚ୍ଛେଦୀ, କେ ଅଛି ତାର ପ୍ରତିବାଦୀ । ■



## ଦେଖି ହେଉନି କି ଦେଖାଇ ହେଉନି

ଟିଟିଲାଗଡ଼ ପଦ୍ମ ନେତା ନବୀନ ଜୈନ ଏବେ ବଡ଼ ଉଦାସ । ଯେଉଁ ପଦ୍ମ ସୁଗନ୍ଧ ଦିନେ ତାଙ୍କୁ ମୋହିତ କରିଥିଲା, ଏବେ ସେହି ପଦ୍ମ ନାଁ ଶୁଣିବା ବେଳକୁ ତାଙ୍କ ଦେହରୁ ଗମଗମ୍ ଝାଳ ବୋହୁଛି । ଦଳର ବଡ଼ ନେତାଙ୍କ ଉପଦ୍ରବ ତାଙ୍କୁ ହତାଶ କରିଛି ଓ ଶେଷରେ ତାଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିଛି । ଜୈନ ବାବୁ ଧନୀ ଲୋକ, ଟଙ୍କା ପଇସାର ଅଭାବ ନାହିଁ । ଶୀତଳଭଣ୍ଡାରଠାରୁ ଆରମ୍ଭ କରି ନିର୍ମାଣ ସଂସ୍ଥା ପର୍ଯ୍ୟନ୍ତ ତାଙ୍କର ବାଣିଜ୍ୟ ବ୍ୟବସାୟ ଲମ୍ବିଛି । ବର୍ଷକୁ ଏଥିରୁ କୋଟି କୋଟି ଟଙ୍କା ଆୟ ବି ହେଉଛି । ହେଲେ ବିଧାୟକ ନ ଥିବା ବେଳେ ଯେଉଁ ସରକାରୀବାବୁମାନେ ତାଙ୍କୁ ସଲାମ କରୁଥିଲେ, ବିଧାୟକ ହେବା ପରେ ସେମାନେ ତାଙ୍କୁ ବାସୀରେ ବି ପଚାରୁ ନାହାନ୍ତି । ଜିଲ୍ଲା ଅଧିକାରୀଙ୍କୁ ଭେଟିବାକୁ ତାଙ୍କୁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡ଼ୁଛି, ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ତାଙ୍କୁ ପ୍ରବେଶ ଅଧିକାର ମିଳୁନାହିଁ । ମହାରାଣୀ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି ଓ ଯେଉଁଥିପାଇଁ ତାଙ୍କୁ ଅଫିସରମାନେ କୋଣଠେସା କରୁଛନ୍ତି ବୋଲି ଘନିଷ୍ଠ ଅନୁଗତମାନେ ନବୀନଙ୍କୁ ସୂଚନା ଦେଇଛନ୍ତି । ସତରେ ଏ କଥା କାହାକୁ ନ ବାଧିବ ? ଏହି ଦୁଃଖ କୁଆଡ଼େ ନବୀନ ଜୈନଙ୍କ ପାଇଁ ଅସହଣ ହୋଇଛି, ଆଉ ତାହା ହିଁ ତାଙ୍କ ରୋଗର କାରଣ ବୋଲି ଅନେକ କହୁଛନ୍ତି । ଅବଶ୍ୟ ବଲାଙ୍ଗୀର ଜିଲ୍ଲାରେ ମହାରାଣୀଙ୍କ ଦବ୍‌ଦବା ଏବେ ଅତ୍ୟନ୍ତ ପ୍ରବଳ । ତାଙ୍କ ବିନା ଇଙ୍ଗିତରେ କୁଆଡ଼େ ଏବେ ବଲାଙ୍ଗୀର ଜିଲ୍ଲାରେ ଗଛପତ୍ର ବି ହଲୁନାହିଁ । ଆଉ ନବୀନ କେଉଁ ଗାଈର ଗୋବର ଯେ? ସିଏ କ'ଣ ମହାଲିଙ୍ଗଙ୍କ ପରି ମହାଶକ୍ତିଶାଳୀ ହୋଇଛନ୍ତି ଯେ ମହାରାଣୀଙ୍କୁ ମୁକାବିଲା କରିପାରିବେ ? ପୂର୍ବରୁ ଯେଉଁ ଘଟଣାରେ ତାଙ୍କୁ ନିନ୍ଦିତ କରାଯାଇଥିଲା, ତା' ପଛରେ ବି କୁଆଡ଼େ ମହାରାଣୀଙ୍କ ହାତ ଥିବା ଜୈନବାବୁଙ୍କ କାନରେ ବାଜିଛି । ହେଲେ କହିବେ କାହାକୁ ? ଅଜାଗା ଘାଆ; ନା ଦେଖି ହେଉଛି, ନା ଦେଖାଇ ହେଉଛି । ■



## ନଥି ଖୋଜିବାକୁ ଲାଗିଲାଣି ବର୍ଷେ

ପଦ୍ମ ଦଳ ସରକାରକୁ ଆସିଲେ ୨୪ ଘଣ୍ଟା ଭିତରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ଜମା ଟଙ୍କା ମିଳିଯିବ । ଏଥିପାଇଁ ସରକାର ସ୍ୱତନ୍ତ୍ର ଅର୍ଡର୍‌ନାନ୍ସ ଆଣି ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ କରିବେ । ଗଲା ନିର୍ବାଚନ ପୂର୍ବରୁ ରାମମନ୍ଦିର ଆଖଡ଼ାର ମୁଖ୍ୟ କୁସ୍ତିଆଳ ଓରଫ ରାଜ୍ୟ ପଦ୍ମାଧିପତି ଏପରି ଘୋଷଣା କରିଥିଲେ । ହେଲେ ୨୪ ଘଣ୍ଟା ଯାଇ ବର୍ଷଟିଏ ପୂରଣ ହେବାକୁ ବସିଲାଣି; ଟଙ୍କା ଫେରସ୍ତ ଆଶାରେ ଚିଟ୍‌ଫଣ୍ଡ ଜମାକାରୀଙ୍କ ଭିତରୁ ଅଧେ ଆରପୁରକୁ ଚାଲିଗଲେଣି, ତଥାପି ଟଙ୍କା ମିଳୁନାହିଁ । ଖାଲି ସୋସିଆଲ ମିଡ଼ିଆରେ ସେତେବେଳେ କୁସ୍ତିଆଳ ଦେଇଥିବା ପ୍ରତିଶ୍ରୁତି ଓ କରିଥିବା ଘୋଷଣାର କ୍ଲିପିଂ ମଝିରେ ମଝିରେ ଭାଇରାଲ ହେଉଛି । ଚିଟ୍‌ଫଣ୍ଡ ଜମାକାରୀ ସିନା ପଦ୍ମାଧିପତି ସେବେ କହିଥିବା କଥାକୁ ମନେ ରଖିଛନ୍ତି, ହେଲେ ସେ କାହିଁକି ଏ କଥା ମନେ ରଖିବେ? ନିଜ କଥା ତ ତାଙ୍କୁ ଅସମ୍ଭାଳ । ସରକାର ଗଢ଼ା ହେବାର ବର୍ଷଟିଏ ହେଲାଣି, ସ୍ଥାୟୀ କୁସ୍ତିଆଳ ନିଯୁକ୍ତି ନେଇ ତାଙ୍କ ନାମରେ ଏଯାଏ ମୋହର ବାଜି ପାରୁନାହିଁ । ରାଜ୍ୟସଭା ଯିବାକୁ କେତେ ଆଶା କରିଥିଲେ, ହେଲେ କିଛି ନିଉଛୁଣାଙ୍କ ଯୋଗୁଁ ତାହା ବି ସମ୍ଭବ ହେଲା ନାହିଁ । ତେଣୁ ଯେ ପର୍ଯ୍ୟନ୍ତ ତାଙ୍କର ଥଇଥାନ ହୋଇ ନାହିଁ, ଦଳରେ ସେ କାହାକୁ ଥଇଥାନ କରିବେ ନାହିଁ ବୋଲି ଯେମିତି ବଜ୍ର ଶପଥ ନେଇଛନ୍ତି । ଏତିକି ବେଳକୁ କିଛି ବୁମ୍‌ଧାରୀ ଯେତେବେଳେ ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ସମ୍ପର୍କରେ ତାଙ୍କୁ ମନେ ପକାଇଦେଲେ, ସେତେବେଳେ କାଳବିଳମ୍ବ ନ କରି କୁସ୍ତିଆଳ କହିଲେ- ଚିଟ୍‌ଫଣ୍ଡ ନଥି ଖୋଜା ଚାଲିଛି, ଏହା ମିଳିବା ପରେ ଯାଇ ସିନା ଟଙ୍କା ଫେରସ୍ତ ହେବ । ମୁଖ୍ୟ କୁସ୍ତିଆଳଙ୍କ ଏପରି ବଚନ ଶୁଣି ବୁମ୍‌ଧାରୀଙ୍କ ମୁଣ୍ଡ ଗୋଲ୍ । ଏ କଥା ଶୁଣିବା ପରେ ଆମେ ବି ତାଜୁବ୍ । ସରକାର ତୁମର, ମୁଖ୍ୟମନ୍ତ୍ରୀ ତୁମର; ବର୍ଷେ ବିତିଲାଣି, ତଥାପି ନଥି ଖୋଜା ଚାଲିଛି ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।